# ପ୍ରଥମ ବିଶ୍ୱଯୁଦ୍ଧର ୧୦୦ ବର୍ଷ ପୂର୍ତ୍ତି



ମହାବିଧ୍ୱଂସୀ ପ୍ରଥମ ବିଶ୍ୱଯୁଦ୍ଧ ସଙ୍ଘଟିତ ହେବାପଛରେ ଏକାଧିକ କାରଣ ରହିଥିଲେ ମଧ୍ୟ ଯେଉଁ ଗୋଟିଏ କାରଣକୁ ଅତି ଗୁରୁତ୍ୱର ସହ ବିଚାରକୁ ନିଆଯାଏ ତାହା ହେଉଛି ଅଷ୍ଟ୍ରିଆର ରାଜ କୁମାର ଆର୍କଡ୍ୟୁକ୍ ଫ୍ରାଞ୍ଜ ଫର୍ଡିନାଣ୍ଡଙ୍କ ହତ୍ୟା। ସେ ନିଜ ପତ୍ନୀଙ୍କ ସହ ବୋସନିଆ ଭ୍ରମଣ କରିବାକୁ ଯାଇଥିବା ଅବସରରେ ତାଙ୍କୁ ଓ ତାଙ୍କ ପତ୍ନୀଙ୍କୁ ହତ୍ୟା କରାଯାଇଥିଲା। ଏହା ଥିଲା ୨୮ ଜୁନ ୧୯୧୪ ମସିହା କଥା। ଏହାକୁ ମୂଳରେ ରଖି ଯେଉଁ ଭୟାବହ ଯୁଦ୍ଧ ଆରମ୍ଭ ହୋଇଥିଲା ତାହା ହିଁ 'ଗ୍ରେଟ୍ ୱାର' ବା 'ଗ୍ଲୋବାଲ୍ ୱାର୍'। ଏହି ଯୁଦ୍ଧର ଅବଧି ଥିଲା ୨୮ ଜୁଲାଇ ୧୯୧୪ରୁ ୧୧ ନଭେମ୍ବର ୧୯୧୮। ଏହି ଯୁଦ୍ଧରେ ମୃତ୍ୟୁ ସଂଖ୍ୟା ଥିଲା ୧ କୋଟି ୭୦ ଲକ୍ଷରୁ ଉର୍ଦ୍ଧ୍ୱ। ତନ୍ମଧ୍ୟରୁ ୧ କୋଟି ୧୦ ଲକ୍ଷ କେବଳ ସିପାହୀ ଥିବା ବେଳେ ଆଉ ୭୦ ଲକ୍ଷ ବେସାମରିକ ବ୍ୟକ୍ତି ମୃତ୍ୟୁବରଣ କରିଥିଲେ। ଏଥିରେ ଆହତଙ୍କ ସଂଖ୍ୟା ଥିଲା ୨କୋଟି। ଆଜିକୁ ପ୍ରଥମ ବିଶ୍ୱଯୁଦ୍ଧ ସମାପ୍ତିର ଠିକ ୧୦୦ବର୍ଷ ପୂରୁଛି। ଏହି ଯୁଦ୍ଧ ଆମକୁ ଏତିକି ଶିଖେଇଛି ଯେ, କୌଣସି ପରିସ୍ଥିତିରେ ବି ଯୁଦ୍ଧ କାମ୍ୟ ନୁହେଁ। ଏହି ଭୟାବହ ଯୁଦ୍ଧ ପୃଥିବୀରେ ଅନେକ ପରିବର୍ତ୍ତନକୁ ଆବାହନ କରିଥିଲା। ସେ ସମ୍ପର୍କରେ 'ଧରିତ୍ରୀ'ର ବିଶେଷ ଉପସ୍ଥାପନା...

## ପ୍ରଥମ ଆଧୁନିକ ମହାଯୁଦ୍ଧ

● ନିକୁଞ୍ଜ ବିହାରୀ ସାହୁ

ବିଶ୍ୱ ଇତିହାସରେ ଲୋମହର୍ଷଣକାରୀ ସଂଘର୍ଷ, ରକ୍ତପାତ ତଥା ଅତୀବ ଭୟାନକ ଘଟଣାର ଦସ୍ତାବିଜ୍ ଥିଲା ପ୍ରଥମ ବିଶ୍ୱଯୁଦ୍ଧ।
ଏହି ଯୁଦ୍ଧରେ ବିଶ୍ୱ ଦୁଇଟି ପକ୍ଷରେ ବିଭକ୍ତ ହୋଇଯାଇଥିଲା। ମିତ୍ରଶକ୍ତିଙ୍କ ପକ୍ଷରେ ରୁଷିଆ, ଫ୍ରାନ୍ସ, ବ୍ରିଟେନ ଏବଂ ଯୁକ୍ତରାଷ୍ଟ୍ର ଆମେରିକା ଇତ୍ୟାଦି ଦେଶ ସାମିଲ ହୋଇଥିବା ବେଳେ ଅକ୍ଷଶକ୍ତିଙ୍କ ପକ୍ଷରେ ଜର୍ମାନୀ, ଅଷ୍ଟ୍ରିଆ- ହଙ୍ଗେରୀ ଓ ତୁର୍କୀ ଇତ୍ୟାଦି ଦେଶ ଅନ୍ତର୍ଭୁକ୍ତ ଥିଲେ। ଏହି ଯୁଦ୍ଧରେ ବ୍ରିଟେନ୍ ସହିତ ସାରା ବିଶ୍ୱରେ ବିସ୍ତୃତ ଏହାର ବିଶାଳ ସାମ୍ରାଜ୍ୟ ମଧ୍ୟ ଯୋଗ ଦେଇଥିଲା। ଏଥିରେ ମଧ୍ୟ ଅନେକ ଭାରତୀୟ ସୈନିକ ଅଂଶଗ୍ରହଣ କରି ପ୍ରାଣବଳି ଦେଇଥିଲେ। ସୁତରାଂ ଯୁଦ୍ଧର ଭୌଗୋଳିକ ପରିସୀମାର ବ୍ୟାପକତା ଏବଂ ବିପୁଳ ମୃତାହତଙ୍କ ସଂଖ୍ୟାରୁ ଏହାକୁ ବିଶ୍ୱଯୁଦ୍ଧର ମାନ୍ୟତା ଦିଆଯାଇଥିଲା।

### ଉତ୍ପାଦନ କ୍ଷେତ୍ରରେ ଅଭିବୃଦ୍ଧି

ସଂଘର୍ଷରତ ବାହିନୀକୁ ଯଥେଷ୍ଟ ସେନା ଓ ସରଞ୍ଜାମ ଯୋଗାଇବା ନିମନ୍ତେ ରାଷ୍ଟ୍ରୀୟସମ୍ପତ୍ତିକୁବହୁଳବ୍ୟବହାରକରାଯାଇଥିଲା।ବ୍ରିଟିଶ୍‌ସରକାରଉତ୍ପାଦନ କ୍ଷେତ୍ରକୁ ସମ୍ପୂର୍ଣ୍ଣ ଭାବେ ନିଜ ନିୟନ୍ତ୍ରଣକୁ ଆଣି ଯୁଦ୍ଧାସ୍ତ୍ର ଉତ୍ପାଦନକୁ ତ୍ୱରାନ୍ୱିତ କରିଥିଲେ। ଫଳରେ ଯୁଦ୍ଧ ଶେଷ ବେଳକୁ ବ୍ରିଟେନ୍‌ରେ ୪୦ ଲକ୍ଷ ବନ୍ଧୁକ, ୨୫୦,୦୦୦ ମେଶିନ୍ ଗନ୍, ୫୨୦୦୦ ବିମାନ, ୨୫୦୦ ଟ୍ୟାଙ୍କ୍, ୨୫୦୦୦ ତୋପ ଏବଂ ୧୭କୋଟି ରାଉଣ୍ଡର ତୋପ ଗୁଳି ଉତ୍ପାଦନ ହୋଇସାରିଥିଲା। ଏହି ଯୁଦ୍ଧରେ ହଜାର ହଜାର ବ୍ୟକ୍ତି ଯୁଦ୍ଧ ସଂକ୍ରାନ୍ତୀୟଶିଳ୍ପ, ଖାଦ୍ୟ ପ୍ରକ୍ରିୟାକରଣ ଓ ଯୋଗାଣ ବ୍ୟବସ୍ଥାରେ ପରୋକ୍ଷଭାବେ ସଂଶ୍ଲିଷ୍ଟ ଥିଲେ।

### ଅତ୍ୟାବଶ୍ୟକ ସାମଗ୍ରୀର ବିକାଶ

ଯୁଦ୍ଧ ସମୟରେ ଆବଶ୍ୟକତା ଦୃଷ୍ଟିରୁ ହେଉ କିମ୍ବା ଆକସ୍ମିକ ଭାବେ କିଛି ଅତ୍ୟାବଶ୍ୟକ ସମାଗ୍ରୀର ବିକାଶ ଘଟିଥିଲା, ଯାହା ଏବେ ଆମ ଦୈନନ୍ଦିନ ଜୀବନର ଅଙ୍ଗ ପାଲଟିଯାଇଛି। ସେଥିମଧ୍ୟରୁ ଗୋଟିଏ ଥିଲା ମହିଳାମାନେ ବ୍ୟବହାର କରୁଥିବା ସାନିଟାରୀ ଟାୱେଲ୍। ୧୯୧୪ ମସିହାରେ ଆର୍ନେଷ୍ଟ ମାହେଲର୍ ନାମକ ଜଣେ ଆମେରିକୀୟ ଉଦ୍ୟୋଗପତି 'ସେଲୁକଟନ୍' ନାମକ ଏପରି ଏକ ପଦାର୍ଥର ସନ୍ଧାନ ପାଇଲେ ଯାହା ତରଳ ପଦାର୍ଥକୁ ତୁଳା ତୁଳନାରେ ପାଞ୍ଚ ଗୁଣ ଭଲ ଶୋଷି ନେଇ ପାରୁଥିଲା। ଏହାକୁ ନେଇ ସେ ପ୍ରଥମେ ଯୁଦ୍ଧ ପୀଡିତଙ୍କ ପାଇଁ ସର୍ଜିକାଲ୍ ବ୍ୟାଣ୍ଡେଜ୍ ପ୍ରସ୍ତୁତ କଲେ। ପରବର୍ତ୍ତୀ ସମୟରେ ଯୁଦ୍ଧକ୍ଷେତ୍ରରେ ଶୁଶ୍ରୂଷା ନିମନ୍ତେ ମୁତୟନ ଥିବା ରେଡକ୍ରସ୍‌ର ନର୍ସମାନେ ଏହାର ମହତ୍ତ୍ୱ ଉପଲବ୍ଧି କରି ଏହାକୁ ଶରୀରର ସ୍ରାବ ଶୋଷିନେବା ପାଇଁ ବ୍ୟକ୍ତିଗତ କାର୍ଯ୍ୟରେ ବିନିଯୋଗ କରିଥିଲେ। ସେବେଠାରୁ ଏହା ମହିଳାମାନଙ୍କ ପାଇଁ ଏକ ଅତ୍ୟାବଶ୍ୟକ ସାମଗ୍ରୀ ପାଲଟି ଯାଇଛି।

### ନୂତନ ଜ୍ଞାନକୌଶଳର ପ୍ରୟୋଗ

ଏହା ମାନବ ଇତିହାସରେ ସର୍ବପ୍ରଥମ ଆଧୁନିକ ଯୁଦ୍ଧ ଥିଲା। ନିର୍ଣ୍ଣାୟକ ସ୍ଥିତି ହାସଲ କରି ସ୍ୱଳ୍ପ ସମୟ ମଧ୍ୟରେ ଯୁଦ୍ଧର ମୋଡ଼ ବଦଳାଇ ଦେବା ନିମନ୍ତେ ଅନେକ ନୂଆ ଯନ୍ତ୍ରପାତି ଓ ରଣକୌଶଳ ପ୍ରୟୋଗ ହେବା ସାଙ୍ଗକୁ ଯୁଦ୍ଧକ୍ଷେତ୍ରରେ ଅନେକ ସାମରିକ ପ୍ରଯୁକ୍ତି ପରୀକ୍ଷିତ ହୋଇଥିଲା। ଶତ୍ରୁ ଶିବିର ମଧ୍ୟକୁ ପ୍ରବେଶ କରି ଶକ୍ତିଶାଳୀ ଗୋଳା ପ୍ରହାର କରପାରୁଥିବା ଟ୍ୟାଙ୍କ୍, ମିନିଟ୍‌କୁ ୫୦୦ରୁ ୬୦୦ ରାଉଣ୍ଡ୍ ଗୁଳି ନିକ୍ଷେପ କରିପାରୁଥିବା ମେଶିନ୍‌ଗନ୍, ରେଡିଓ ଯୋଗାଯୋଗ ବ୍ୟବସ୍ଥା ଇତ୍ୟାଦି ଭଳି ଆଧୁନିକ ସରଞ୍ଜାମ ଏହି ଯୁଦ୍ଧରେ ବହୁଳ ଭାବେ ପ୍ରୟୋଗ କରାଯାଇଥିଲା। ଯୁଦ୍ଧର ସବୁଠାରୁ ଉଲ୍ଲେଖନୀୟ ପ୍ରସଙ୍ଗ ଥିଲା ଆକାଶମାର୍ଗରେ ସମରର ସମ୍ପ୍ରସାରଣ। ଏହି ଯୁଦ୍ଧରେ ପ୍ରଥମ କରି ଆକାଶମାର୍ଗରୁ ବିମାନ ଯୋଗେ ଶତ୍ରୁ ଶିବିର ଉପରେ ବୋମାମାଡ କରାଯିବା ଦ୍ୱାରା ବ୍ୟାପକ କ୍ଷୟକ୍ଷତି ସାଧିତ ହୋଇଥିଲା। ଏହି ଯୁଦ୍ଧରେ ମଧ୍ୟ ଟ୍ରେଞ୍ଚ୍ ବା ଗୁପ୍ତ ସୁଡଙ୍ଗ ମଧ୍ୟରେ ଲୁଚି ରହି ଯୁଦ୍ଧ କରିବାର କୌଶଳ ପ୍ରଥମ କରି ପ୍ରଦର୍ଶିତ ହୋଇଥିଲା। ପୁଣି ଏହି ଯୁଦ୍ଧରେ ମଧ୍ୟ ପ୍ରଥମ କରି ବୁଡାଜାହାଜର ପ୍ରୟୋଗ କରାଯାଇଥିଲା। ଜର୍ମାନୀ ୟୁ ବୋଟ୍ ନାମକ ଏକ ଘାତକ ବୁଡାଜାହାଜ ବିକଶିତ କରିଥିଲା ଯାହା ଯୁଦ୍ଧପୋତଗୁଡିକୁ ଆକ୍ରମଣ ରକି ସହଜରେ ଧ୍ୱଂସ କରିଦେଇପାରୁଥିଲା। ଏହି ଯୁଦ୍ଧର ମଧ୍ୟ ଅନ୍ୟ ଏକ ବୈଶିଷ୍ଟ୍ୟ ଥିଲା ରାସାୟନିକ ଅସ୍ତ୍ରର ପ୍ରୟୋଗ। ଯୁଦ୍ଧରେ ପ୍ରଥମ କରି ମଷ୍ଟାର୍ଡ ଗ୍ୟାସ୍ ତଥା ଫସ୍‌ଜିନ୍ ବାଷ୍ପ ଭଳି ଅନେକ ମାରାତ୍ମକ ବାଷ୍ପ ପ୍ରୟୋଗ କରାଯାଇଥିଲା।

ଚିକିତ୍ସା କ୍ଷେତ୍ରରେ ଯୁଦ୍ଧକାଳୀନ ଏକ ପ୍ରମୁଖ ଅବଦାନ ଥିଲା ପରିବହନଶୀଳ 'ଏକ୍ସ-ରେ' ଯନ୍ତ୍ରର ବିକାଶ। ପୂର୍ବରୁ ଏକ୍ସ-ରେ ଯନ୍ତ୍ରଗୁଡ଼ିକ ବିଶାଳକାୟ ଥିବାରୁ ସେଗୁଡ଼ିକୁ କାର୍ଯ୍ୟକ୍ଷେତ୍ରକୁ ସ୍ଥାନାନ୍ତରିତ କରିବା ଅସମ୍ଭବ ଥିଲା। ଫରାସୀ ବୈଜ୍ଞାନିକ ମ୍ୟାରି କ୍ୟୁରୀ ନିଜ ଦେଶର ସେନା ପାଇଁ ଏପରି ଏକ ହାଲୁକା ଏକ୍ସ-ରେ ଯନ୍ତ୍ର ବିକଶିତ କଲେ, ଯାହାକୁ ଟ୍ରକ୍‌ରେ ଲଦି ଆହତ ସୈନିକଙ୍କ ହାଡଭଙ୍ଗା କିମ୍ବା ଗୁଳିବିଦ୍ଧ ସ୍ଥାନ ଚିହ୍ନଟ କରିବା ନିମନ୍ତେ ଯୁଦ୍ଧକ୍ଷେତ୍ରକୁ ବୋହି ନେଇ ହେଉଥିଲା।

ଯୁଦ୍ଧ ସମୟର ଅନ୍ୟ ଏକ ପ୍ରମୁଖ ନବସୃଜନ ଥିଲା 'ଏୟାର ଟ୍ରାଫିକ୍ କଣ୍ଟ୍ରୋଲ୍' ବ୍ୟବସ୍ଥାର ବିକାଶ। ପୂର୍ବରୁ ବିମାନ ଭୂମି ଛାଡିଲା ପରେ ପାଇଲଟ୍‌ଙ୍କ ଭୂପୃଷ୍ଠ ସହିତ ଯୋଗାଯୋଗ ନିମନ୍ତେ କୌଣସି ଉପାୟ ନ ଥିଲା। ଯୁଦ୍ଧର ଆବଶ୍ୟକତା ଦୃଷ୍ଟି କୋଣରୁ ବିମାନରେ ରେଡିଓ ସ୍ଥାପନ କରାଗଲା ଏବଂ ରେଡିଓ ତରଙ୍ଗ ଜରିଆରେ ଗୋଟିଏ ଚଳନ୍ତା ବିମାନରୁ ଅନ୍ୟ ଚଳନ୍ତା ବିମାନ କିମ୍ବା ଭୂପୃଷ୍ଠସ୍ଥ ଅପରେଟର୍‌ଙ୍କ ସଙ୍ଗେ ବାର୍ତ୍ତା ବିନିମୟ କରିହେଲା। ଭୂପୃଷ୍ଠ ଓ ଉଡନ୍ତା ବିମାନ ମଧ୍ୟରେ ଏହି ଦ୍ୱିପାକ୍ଷିକ ଯୋଗାଯୋଗ ବ୍ୟବସ୍ଥା ପ୍ରକ୍ରିୟା ଯେ ଏବେକାର ବିମାନ ଘାଟିସବୁରେ ଅବସ୍ଥାପିତ 'ଏୟାର ଟ୍ରାଫିକ୍ କଣ୍ଟ୍ରୋଲ୍' ବ୍ୟବସ୍ଥାର ମୂଳାଧାର, ଏହା ଅନସ୍ୱୀକାର୍ଯ୍ୟ।

ସେହିପରି ମୁହଁ ପୋଛା ଯାଉଥିବା ଟିସୁ ପେପର, ତୁରନ୍ତ ଚା' ପ୍ରସ୍ତୁତି ନିମନ୍ତେ ବ୍ୟବହୃତ ଟି-ବ୍ୟାଗ୍, ହାତବନ୍ଧା ଘଣ୍ଟା,ପୋଷାକର ଦୁଇ ଅଂଶକୁ ଯୋଡିବା ପାଇଁ ବ୍ୟବହୃତ ଜିପ୍ ଫ୍ୟାଶନର ତଥା ଶରୀରରେ ଭିଟାମିନ୍ ଡି ପ୍ରସ୍ତୁତ କରି ସୁସ୍ଥ ଅସ୍ଥି ଗଠନ ପୂର୍ବକ ରିକେଟ୍ ରୋଗର ଚିକିତ୍ସା ନିମନ୍ତେ ବ୍ୟବହୃତ 'ସନ୍ ଲ୍ୟାମ୍ପ'ଇତ୍ୟାଦି ଆବିଷ୍କାର ପ୍ରଥମ ବିଶ୍ୱଯୁଦ୍ଧର ମଣିଷ ସମାଜକୁ ଅନ୍ୟତମ ଅବଦାନ।

-ଏଜୁକେଶନ୍ ଅଫିସର, ଢେଙ୍କାନାଳ ବିଜ୍ଞାନ କେନ୍ଦ୍ର, ଢେଙ୍କାନାଳ

## 'ଲଷ୍ଟ ଜେନେରେସନ'ର ଉତ୍ସ
## ବିଶ୍ୱଯୁଦ୍ଧ ଘନଘଟାରେ ସାହିତ୍ୟର କୁହୁ

● ପରଂବ୍ରହ୍ମ ତ୍ରିପାଠୀ

ସାହିତ୍ୟ ସମାଜର ପ୍ରତିଫଳନ, ସାହିତ୍ୟର ଆଇନାରେ ଫୁଟି ଉଠେ ସମାଜର ପ୍ରକୃତ ଚିତ୍ର। କେମିତିଥିଲା ସେହି ବିଶ୍ୱଯୁଦ୍ଧର ଭୟାବହ ଚାରିବର୍ଷ? କ'ଣ ଲେଖୁଥିଲା କବିଟିଏ ସେ ସମୟରେ? ଲେଖାରେ କେତେ ଜୀବନ୍ତ କେତେ ପ୍ରାମାଣିକ ସେ ସମୟର ଜନଜୀବନ? କେମିତି ପ୍ରଭାବିତ କଲା ପ୍ରଥମ ବିଶ୍ୱଯୁଦ୍ଧ ବିଶ୍ୱ ସାହିତ୍ୟକୁ? ଏ ସମସ୍ତ ପ୍ରସଙ୍ଗ ଉପରେ ଏହି ବିଶେଷ ଉପସ୍ଥାପନା ।

ପ୍ରଥମ ବିଶ୍ୱଯୁଦ୍ଧ ଯେ ପୃଥିବୀ ଇତିହାସର ପ୍ରଥମ କିମ୍ବା ଶେଷ ଯୁଦ୍ଧ, ସେମିତି ନୁହେଁ । ହେଲେ ଏ ଯୁଦ୍ଧ ଥିଲା ନିଆରା ଶିଳ୍ପ ବିପ୍ଳବ, ବିଜ୍ଞାନର କ୍ରାନ୍ତି ଆଉ ଭେଷଜ ବିଦ୍ୟାରେ ନୂଆ ନୂଆ ସମ୍ଭାବନାର ଉଦ୍ଭାବନ ୟୁରୋପରେ ସାଧାରଣ ମଣିଷ ଓ ତା'ର ଦୈନନ୍ଦିନ ଜୀବନରେ ଆଣିଥିଲା ଅଭୂତପୂର୍ବ ପରିବର୍ତ୍ତନ। ପାରମ୍ପରିକତା ଉପରେ ବିଜ୍ଞାନ ନିଜର ବିଜୟୋଦୀପ୍ତ ଅଟୋଗ୍ରାଫ ଦେବା ଆରମ୍ଭ କରି ସାରିଥିଲା। ମଣିଷକୁ ଲାଗୁଥିଲା ସେ ହିଁ ସମର୍ଥ, ସକ୍ଷମ ଓ ସର୍ବଶକ୍ତିମାନ ନିଜର ସକଳ ସମସ୍ୟାର ସମାଧାନ ପାଇଁ । ସାଧାରଣ ମଣିଷର ଆତ୍ମବିଶ୍ୱାସ ଛୁଇଁଥିଲା ଏକ ନୂତନ ଶିଖର । ସେଇଥିପାଇଁ ବୋଧେ ବିଶ୍ୱରୁ ଯୁଦ୍ଧ ଭୟ ଦୂର ପାଇଁ ଆରମ୍ଭ ହେଇଥିବା ଏହି ଯୁଦ୍ଧକୁ ନେଇ ପ୍ରଥମେ ପ୍ରଥମେ ସାଧାରଣ ମାନସରେ ନ ଥିଲା ଉତ୍କଟ ନକାରାତ୍ମକତା । ଇଜମ ଓ ଆଦର୍ଶବାଦ୍‌ର ଲଢେଇ ଭାବେ ଅନେକେ ଏହାକୁ ଗ୍ରହଣ କରିଥିଲେ ଓ ପ୍ରାରମ୍ଭିକ ପର୍ଯ୍ୟାୟରେ ସମର୍ଥନ ବି କରିଥିଲେ।

ଯୁଦ୍ଧ ଆରମ୍ଭର ପ୍ରଥମ ଦିନଗୁଡିକ ଲାଗୁଥିଲା ଫ୍ୟାନ୍ସି ଫ୍ୟାନ୍ସି । ଜଳ, ସ୍ଥଳ ଓ ଆକାଶରେ ପାଖାପାଖି ଅଶୀଟି ଦେଶର ସୈନିକ। ହେଲେ ଧୀରେ ଧୀରେ କଡ ଲେଉଟେଇଲା ସମୟ । ଯୁଦ୍ଧ ଆରମ୍ଭରେ ସାଧାରଣରେ ବହୁଳ ଭାବେ ପ୍ରଚଳିତ ଓ ବ୍ୟବହୃତ ହେଉଥିବା 'ପବିତ୍ର, କର୍ତ୍ତବ୍ୟ, ବଳିଦାନ, ଗରିମାମୟ' ଆଦି ଗୁରୁଗମ୍ଭୀର ଶବ୍ଦ ଦେହରୁ ଖୋଳପା ଛାଡିବା ଆରମ୍ଭ ହେଲା । ପ୍ରାରମ୍ଭିକ ଦିନମାନଙ୍କରେ ନିଜ ନିଜ ଦେଶର ସୈନିକମାନଙ୍କ ମନୋବଳ ବଢାଇବା ଓ ଶତ୍ରୁପକ୍ଷର ଗୁଳିଗୋଳାକୁ ଶବ୍ଦରେ ଜବାବ ଦେବା ପାଇଁ ପ୍ରତିନିଧି ସ୍ଥାନୀୟ ସାହିତ୍ୟିକମାନଙ୍କ ଭିତରେ ଆରମ୍ଭ ହେଇଥିବା ସାହିତ୍ୟର ଯୁଦ୍ଧ, ଧୀରେ ଧୀରେ ପରିବର୍ତ୍ତିତ ହେବାରେ ଲାଗିଲା ମାନବୀୟ ଅବଶପଣର ଆଲେଖ୍ୟ, ବିଭୀଷିକାର ଦସ୍ତାବିଜ ଓ ଯୁଦ୍ଧର ସାହିତ୍ୟରେ । ପ୍ରଥମ ବିଶ୍ୱଯୁଦ୍ଧରେ କେବଳ ମଣିଷ ମୃତାହତ ହୋଇ ନ ଥିଲେ, ମେରୁଦଣ୍ଡ ଭାଙ୍ଗି ତଳେ ପଡିଥିଲା ମହାର୍ଘ ଜିନିଷଟିଏ । ସେଇଟି ହେଲା ମଣିଷର ନିରୀହପଣ । ଆଉ ଏହି ସମୟ ବା ତା'ପରର କବିତା, ଆତ୍ମଲେଖ ଓ ଉପନ୍ୟାସ ସେଇ ଅବକ୍ଷୟିଷ୍ଣୁ ଶ୍ୱାସରୁଦ୍ଧ ନିରୀହପଣର ନିଖୁଣ ଓ ଜୀବନ୍ତ ଚିତ୍ରଣରେ ଚମତ୍କାର ଭାବେ ସଫଳ ହୋଇଥିଲେ।

### ପ୍ରଥମ ବିଶ୍ୱଯୁଦ୍ଧ ସମୟର କବି ଓ କବିତା

ରୋମାଣ୍ଟିସିଜମର ଭାଗ ଅନୁପାତ ଏହି ସମୟରେ ଧୀରେ ଧୀରେ ୟୁରୋପୀୟ ସାହିତ୍ୟରୁ ହ୍ରାସ ପାଇବାରେ ଲାଗିଲା । କବିତାରେ ଦୁଇଟି ସ୍ୱର ସ୍ପଷ୍ଟ ଭାବେ ପ୍ରତିଫଳିତ ହେଉଥିଲା । ପ୍ରଥମଟି ହେଲା ଜାତୀୟତାବାଦ, ଉଗ୍ର ଦେଶପ୍ରେମର ଓ ଅନ୍ୟଟି ହେଲା ଯୁଦ୍ଧର କରୁଣ ପରିଣତି ଏବଂ ଯୁଦ୍ଧର ଆବଶ୍ୟକତା ସମ୍ପର୍କିତ ପ୍ରଶ୍ନବାଚୀର । ଯୁଦ୍ଧ ସମ୍ପର୍କିତ ପାଖାପାଖି ଦୁଇ ହଜାର ଉଚ୍ଚକୋଟୀର କବିତା ଏହି ସମୟରେ ଲେଖା ଓ ପ୍ରକାଶିତ ହୋଇଥିଲା । ସେ ସମୟର ୟୁରୋପର ପ୍ରମୁଖ କାବ୍ୟ ସ୍ୱର ଥିଲେ ୱିଲଫ୍ରେଡ ଓଏନ, ଆଇଜାକ ରୋଜେନବର୍ଗ, ଏଡୱାର୍ଡ ଥୋମାସ ଓ ରୁଦୟାର୍ଡ କିପଲିଙ୍ଗ। ଏହି ସମୟରେ ଲିଖିତ ଓ ବହୁଳ ଭାବେ ଆଦୃତ କବିତା ଭିତରୁ କିଛି ହେଲା 'For all we have and are', 'Wake Up, England' ଏବଂ ଆହୁରି ଅନେକ। ଏହି ସମୟର ଆଉ ଏକ ଉଲ୍ଲେଖନୀୟ ଘଟଣା ହେଲା ଯୁଦ୍ଧ ସମ୍ପର୍କିତ ସାହିତ୍ୟ ଓ କବିତା ରଚନାରେ ମହିଳା କବିମାନଙ୍କର ଅବଦାନ । ପୂର୍ବରୁ ଏହା ପୁରୁଷମାନଙ୍କ ଏକଚାଟିଆ ଅଧିକାର ଭାବେ ପରିଗଣିତ ହେଉଥିଲା । ମାତ୍ର ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ଯୁଦ୍ଧ ସହ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଜଡିତ ହେବାର ସୁଯୋଗ ମହିଳାମାନେ ପାଇଲେ।

### ଆତ୍ମଲେଖ- ପ୍ରଥମ ବିଶ୍ୱଯୁଦ୍ଧର ନିଖୁଣ ଅଭିଲେଖ

ବିଶ୍ୱଯୁଦ୍ଧରେ ସାମିଲ ହୋଇଥିବା ଅନେକ ସୈନିକ ପରବର୍ତ୍ତୀ ସମୟରେ ନିଜ ଅନୁଭୂତି ଲିପିବଦ୍ଧ କରିଛନ୍ତି। ଏକ୍ଷେତ୍ରରେ ପ୍ରଥମ ପ୍ରୟାସ ଭିତରୁ ଅନ୍ୟତମ ହେଲା ୧୯୧୫ ମସିହାରେ ପ୍ରକାଶିତ କ୍ୟାପଟେନ ଜନ ବେଥଙ୍କ 'ଫାଷ୍ଟ ହଣ୍ଡ୍ରେଡ ଥାଉଜାଣ୍ଡ'। ଅସମ୍ଭବ ଲୋକପ୍ରିୟତା ହାସଲ କରିଥିଲା ଏହି ପୁସ୍ତକ ଏବଂ ବିଭିନ୍ନ ଭାଷାରେ ଅନୂଦିତ ମଧ୍ୟ ହୋଇଥିଲା।

### ସତ ହେଲେ ବି ଗପ- ପ୍ରଥମ ବିଶ୍ୱଯୁଦ୍ଧ ସମୟର ଉପନ୍ୟାସ ଓ କ୍ଷୁଦ୍ରଗଳ୍ପ

ଏହି ସମୟ ବା ଏ ସମୟର କାହାଣୀ ଉପରେ ଆଧାରିତ ବହୁଳ ଭାବେ ଆଦୃତ ଉପନ୍ୟାସ ଭିତରୁ ଗୋଟିଏ ହେଲା ଏରନେଷ୍ଟ ହେମିଙ୍ଗୱେଙ୍କ ' ଏ ଫ୍ୟାରୱେଲ ଟୁ ଆର୍ମସ'। ଯୁଦ୍ଧର ଘନଘଟା ଓ ତା' ଭିତରେ ଗତିଶୀଳ ପ୍ରେମ କାହାଣୀଟିଏ। ଉଭୟର ବର୍ଣ୍ଣନା ଏତେ ଆବେଗଧର୍ମୀ ଓ ମର୍ମସ୍ପର୍ଶୀ ଯେ ' ଏ ଫ୍ୟାରୱେଲ ଟୁ ଆର୍ମସ' ବିଶ୍ୱ ସାହିତ୍ୟର ସର୍ବକାଳୀନ ଇତିହାସରେ ଏକ ଅନନ୍ୟ ସୃଷ୍ଟି ଏହା କହିବା ଅତିଶୟୋକ୍ତି ହେବ ନାହିଁ।

ଏହି ସମୟ ବା କାହାଣୀ ଉପରେ ଆଧାରିତ ଅନ୍ୟ ପ୍ରଭାବଶାଳୀ ଉପନ୍ୟାସ ଗୁଡିକ ହେଲେ ଏନରିକ ମାରିଆ ରିମାର୍କଙ୍କ 'ଅଲ କ୍ୱାଏଟ ଅନ ଦ ୱେଷ୍ଟର୍ନ ଫ୍ରଣ୍ଟ'(୧୯୨୯) ଏବଂ ଆହୁରି ଅନେକ। ପ୍ରଥମ ବିଶ୍ୱଯୁଦ୍ଧ ପରେ ଯେ ପୃଥିବୀରୁ ଯୁଦ୍ଧ ସରିଗଲା ସେମିତି ନୁହେଁ। ଏହାର କୋଡିଏ ବର୍ଷ ପରେ ଏହାଠାରୁ ଶତଗୁଣ ଅଧିକ ଭୟଙ୍କର ଦ୍ୱିତୀୟ ବିଶ୍ୱଯୁଦ୍ଧ ସଂଗଠିତ ହେଲା। ତାକୁ ମଧ୍ୟ ପୃଷ୍ଠଭୂମି କରି ଗଢି ଉଠିଛି ଅନେକ ସର୍ଜନା। ହେଲେ ସାହିତ୍ୟ ଓ ବର୍ଣ୍ଣନାର ନିରଭେଜାଲପଣିଆ ଦୃଷ୍ଟିରୁ ପ୍ରଥମ ବିଶ୍ୱଯୁଦ୍ଧ ନିଶ୍ଚିତ ଭାବେ ଅନନ୍ୟ ରହିବ। ରହିବାର କାରଣଟି ବୋଧେ ଏଇଆ ଯେ ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳକୁ ଘନଘଟା ସାରା ବିଶ୍ୱବାସୀଙ୍କ ଉଣା ଅଧିକେ ଦେହସୁହା ହୋଇସାରିଥିଲା।

-ନାଉଗାଁ ହାଟ, ଜଗତସିଂହପୁର



## ବିଶ୍ୱଯୁଦ୍ଧ ସମୟର ଆର୍ଥିକ ଦୃଶ୍ୟପଟ

● ଚୌଧୁରୀ ବିଚିତ୍ରାନନ୍ଦ ପ୍ରହରାଜ

୧୯୧୪-୧୯୧୮ମସିହା ପର୍ଯ୍ୟନ୍ତ ସଂଘଟିତ ହୋଇଥିବା ପ୍ରଥମ ବିଶ୍ୱଯୁଦ୍ଧର କରାଳ ବିଭୀଷିକା ସୁଦୂର ପ୍ରସାରି ଏବଂ ଦୀର୍ଘସ୍ଥାୟୀ ଥିଲା। ୧୯୧୪ରେ ସମସ୍ତ ଶକ୍ତି ଗୋଟିଏ ଛୋଟିଆଯୁଦ୍ଧ ଚାହୁଁଥିଲେ। ଲମ୍ୱାଯୁଦ୍ଧ ପାଇଁ ଆର୍ଥିକ ପ୍ରସ୍ତୁତି କେଉଁ ରାଷ୍ଟ୍ରର ନ ଥିଲା। ଯୁଦ୍ଧ ପାଇଁ ମୋଟାଅଙ୍କର ଅର୍ଥର ଆବଶ୍ୟକତା ଥିଲା ଏବଂ ମିଳିତଶକ୍ତିଗୁଡିକର ଯୁଦ୍ଧ ଖର୍ଚ୍ଚ ଭରଣା ଲାଗି ସେମାନଙ୍କ ପାଖରେ ସମ୍ବଳର ଅଭାବ ଥିଲା। ଯୁଦ୍ଧ ଅନେକଦିନ ଚାଲିବାରୁ ଆବଶ୍ୟକ ଖାଦ୍ୟପଦାର୍ଥ ଓ କଳକାରଖାନା ପାଇଁ କଞ୍ଚାମାଲର ଅଭାବ ଦେଖାଗଲା। ସବୁଶକ୍ତି ଗୁଡିକର ସମସ୍ତ ସମ୍ବଳକୁ ଯୁଦ୍ଧପାଇଁ ବିନିଯୋଗ କରାଗଲା। ଶକ୍ତିମାନେ କଳକାରଖାନାଗୁଡିକୁ ଗୋଳାବାରୁଦ ବନ୍ଧୁକ, ଯୁଦ୍ଧୋପକରଣ ଓ ପୋଷାକ ପାଇଁ ଉପଯୋଗ କଲେ, ଶ୍ରମଶକ୍ତି,ଶିଳ୍ପ ଏବଂ କୃଷିକାର୍ଯ୍ୟ ବାଧାପ୍ରାପ୍ତ ହେଲା। ଜନସାଧାରଣ ଓ ସୈନିକଙ୍କୁ ଖାଦ୍ୟ ଯୋଗାଣ ଏକ ବୃହତ ସମସ୍ୟା ହୋଇ ଉଭା ହେଲା। ଜାହାଜଗୁଡିକ ଯୁଦ୍ଧ ଜାହାଜ ହିସାବରେ ବ୍ୟବହୃତ କରାଯିବାରୁ ପରିବହନଜନିତ ସମସ୍ୟା ଉପୁଜିଲା। ଅର୍ଥର ଅଭାବ ବହୁଳ ଭାବରେ ପରିଲକ୍ଷିତ ହେଲା। ଅନେକ ରାଷ୍ଟ୍ର ଦେବାଳିଆ ହୋଇ ଆମେରିକାଠାରୁ ଉଧାର କଲେ। ଆମେରିକା ଋଣ ଆକାରରେ ଆର୍ଥିକ ସହାୟତା ପ୍ରଦାନ କରିଥିଲେ ମଧ୍ୟ ବିଶ୍ୱଯୁଦ୍ଧ ପରେ ଋଣ ପରିଶୋଧ କରିବାର ସର୍ତ୍ତ ରଖି ଋଣ ପ୍ରଦାନ କଲା। ବ୍ରିଟେନ୍ ଓ ଇଟାଲୀ ପ୍ରଭୃତି ରାଷ୍ଟ୍ରର ଜିଡିପି ବଢ଼ିଲେ ମଧ୍ୟ ଫ୍ରାନ୍ସ ଓ ରୁଷିଆ ଆଦି ରାଷ୍ଟ୍ରର ଜିଡିପି ହ୍ରାସ ପାଇଲା। ଘୁଷୁରିଙ୍କୁ ହତ୍ୟା କରାଯିବାରୁ ମାଂସର ପ୍ରବଳ ଅଭାବ ଦେଖାଦେଲା। କେତେ ରାଷ୍ଟ୍ରର ମତ୍ସ୍ୟ ବ୍ୟବସାୟ ପ୍ରଭାବିତ ହୋଇ ତତ୍‌ଜନିତ ଲାଭ କମିଗଲା। ଭୂପୃଷ୍ଠ ଓ ଜଳପଥରେ ପରିବହନ ଖର୍ଚ୍ଚ ବଢ଼ିବାରୁ ଜିନିଷପତ୍ରର ଦରଦାମ ନିୟନ୍ତ୍ରଣ ବାହାରକୁ ଚାଲିଗଲା ମାଛର ଦରହ୍ରାସ, ଅର୍ଥବଜାରର ମାନ୍ଦା ଅବସ୍ଥା ପରସ୍ଥିତିକୁ ଆହୁରି ସଙ୍ଗିନ କରିଦେଲା। ଜଙ୍ଗଲଜାତ ଓ ଖଣିଜଶିଳ୍ପ ପ୍ରଭାବିତ ହେଲା। ଆନ୍ତର୍ଜାତିକ ବଜାର ଉପରେ ନିର୍ଭର କରୁଥିବା ରାଷ୍ଟ୍ରମାନେ ବଜାର ନ ପାଇ ହନ୍ତସନ୍ତ ହେଲେ। ମୂଲ୍ୟ ହ୍ରାସ ଯୋଗୁ ଦୁର୍ଦ୍ଦଶା ଦ୍ୱିଗୁଣିତ ହେଲା। ପୁଣି ଯୁଦ୍ଧ ଆରମ୍ଭ ପରେ ଜନସାଧାରଣ ରୋଜଗାର ନ ପାଇ ବେରୋଜଗାରିର ବୃଦ୍ଧି ଘଟିଲା। ରାଷ୍ଟ୍ରଗୁଡ଼ିକର ବାର୍ଷିକ ଆର୍ଥିକ ବଜେଟରେ ନିଅଣ୍ଟ ପରିମାଣ ବୃଦ୍ଧି ପାଇଲା। ସୈନିକ ଭର୍ତ୍ତି ତାଲିମ ଏବଂ ଯୁଦ୍ଧୋପକରଣ ଲାଗି ବିପୁଳ ଖର୍ଚ୍ଚ ଅନେକ ରାଷ୍ଟ୍ରର ଆର୍ଥିକ ମେରୁଦଣ୍ଡକୁ ଦୋହଲାଇ ଦେଲା। ଯୁଦ୍ଧ ଋଣ, ଯୁଦ୍ଧ ଖର୍ଚ୍ଚ, ଦେଶର ଋଣଭାରକୁ ବୃଦ୍ଧି କଲା। କ୍ଷମତାକେନ୍ଦ୍ର ଅଷ୍ଟ୍ରିଆ-ହଙ୍ଗେରୀ, ଜର୍ମାନୀର ବିକାଶର ହାର କମିଗଲା। ରୁଷିଆର ଆର୍ଥିକ ଅବସ୍ଥା ପଶ୍ଚାତଗାମୀ ହେଲା। ସମ୍ମିଳିତ ତିନି ପ୍ରମୁଖ ଶକ୍ତି ହାରାହାରି ଆୟ କ୍ଷମତା କେନ୍ଦ୍ର ଆୟର ଶତକଡା ୬୦ ଭାଗ ଥିଲା। କୃଷିକ୍ଷେତ୍ର ପ୍ରଭାବିତ ହେବା ଫଳରେ ଅଷ୍ଟ୍ରିଆ, ହଙ୍ଗେରୀ, ତୁର୍କୀ, ଜର୍ମାନୀରେ ଖାଦ୍ୟାଭାବ ଦେଖାଦେଲା। ଜର୍ମାନୀର କୃଷିକ୍ଷେତ୍ର ପ୍ରଭାବିତ ନ ଥିଲାବେଳେ ଅନ୍ୟ ରାଷ୍ଟ୍ର ଉପରେ ଖାଦ୍ୟଶସ୍ୟ ପାଇଁ ନିର୍ଭର କରୁଥିବା ବ୍ରିଟେନ୍‌ରେ ଜନସାଧାରଣ ଉପବାସରେ ଦିନ କାଟିଲେ। ଯୁଦ୍ଧ ଆରମ୍ଭ ହେବା ମାତ୍ରେ ବ୍ରିଟିଶ୍ ଚାଷୀଙ୍କୁ କୃଷିକାର୍ଯ୍ୟ ପାଇଁ ପ୍ରୋତ୍ସାହନ ରାଶି ଓ କୃଷିଜାତ ଦ୍ରବ୍ୟ ପାଇଁ ଅଧିକ ମୂଲ୍ୟ ଦିଆଗଲା। କିନ୍ତୁ ଜର୍ମାନୀ ଘର ସମ୍ବଳକୁ କୃଷିକାର୍ଯ୍ୟରେ ବିନିଯୋଗ ନ କରି ଯୁଦ୍ଧ ପାଇଁ ଖର୍ଚ୍ଚ କଲା। ଭୋକିଲା ସୈନିକ ଯୁଦ୍ଧ କରିପାରିବେନି ବୋଲି ସବୁ ଖାଦ୍ୟ ସେମାନଙ୍କୁ ଦିଆଗଲା ଏବଂ ଜର୍ମାନୀ ବଜାରରେ ଖାଦ୍ୟାଭାବ ଦେଖାଦେଲା। ଖାଦ୍ୟପଦାର୍ଥର ଦରବୃଦ୍ଧି ଘଟିଲା ଏବଂ ଏକପ୍ରକାର ଦୁର୍ଭିକ୍ଷର ସ୍ଥିତି ଆସିଗଲା। ଜର୍ମାନୀ ଅର୍ଥନୀତି ଭୁଶୁଡି ପଡିଲା। ଜର୍ମାନୀ ଲୋକଙ୍କର ସଞ୍ଚୟ, ବାଣିଜ୍ୟିକ ବ୍ୟାପାର, ଉତ୍ପାଦନ ଓ ଖାଦ୍ୟଶସ୍ୟର ବିକ୍ରୟ ଉପରେ କଟକଣା ଜାରି ହେଲା। ଯୁଦ୍ଧ ଯୋଗୁ କଞ୍ଚାମାଲର ଅଭାବ ପରିଲକ୍ଷିତ ହେଲା ଏବଂ ଯୁଦ୍ଧ ସମୟରେ ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟ ୮ ଗୁଣାବୃଦ୍ଧି ପାଇଲା। ଲକ୍ଷ ଲକ୍ଷ ଜର୍ମାନ ଲୋକ ଭୋକରେ ରହିଲେ।

ପ୍ରଥମ ବିଶ୍ୱଯୁଦ୍ଧ ଜର୍ମାନୀ ଓ ୟୁରୋପ ମହାଦେଶୀୟ ରାଷ୍ଟ୍ରଙ୍କ ପାଇଁ ମନୁଷ୍ୟକୃତ ବିପର୍ଯ୍ୟୟ ଥିଲା। ରୁଷିଆରେ କଞ୍ଚାମାଲ ଓ ଇନ୍ଧନର ଅଭାବ ନ ଥିଲା। ରୁଷିଆରେ କାରଖାନାକୁ କଞ୍ଚାମାଲ ପରିବହନରେ ବାଧା ଉପୁଜିଲା। ରୁଷିଆ ଶିଳ୍ପଜଗତରେ ଶ୍ରମିକଙ୍କ ଅଭାବ ପରିଲକ୍ଷିତ ହେଲା। କୁଶଳୀ ଲୋକମାନଙ୍କୁ ସୈନ୍ୟ ବିଭାଗରେ ନିଯୁକ୍ତି ମିଳିବାରୁ ଶ୍ରମିକ ସମସ୍ୟା ସୃଷ୍ଟି ହେଲା। ଅଧିକ ମୁଦ୍ରା ପ୍ରଚଳନ ହେତୁ ମୁଦ୍ରାସ୍ଫୀତି ବଢିଲା। ରୁଷିଆରେ ଖାଉଟି ସାମଗ୍ରୀ ଦୁଇଗୁଣା ହୋଇଗଲା। ଋଣ ବୋଝ ବଢିଗଲା। ବ୍ୟବସାୟ ଓ ପୁଞ୍ଜିଲଗାଣ ପ୍ରଭାବିତ ହେଲା। ଖାଦ୍ୟଯୋଗାଣ ଓ ପରିବହନରେ ସମସ୍ୟା ସୃଷ୍ଟି ହେଲା। ଶିଳ୍ପ ଉତ୍ପାଦନ ଶତକଡା ୫୦ ଭାଗ କମିଗଲା। ବେଲ୍‌ଜିୟମ୍‌ରେ ଶିଳ୍ପ ବନ୍ଦ ହୋଇଗଲା। ଶିଳ୍ପ, ପୁଞ୍ଜିଲଗାଣ ଓ ପରିବହନ ପ୍ରଭାବିତ ହେଲା। ପ୍ରଥମ ବିଶ୍ୱଯୁଦ୍ଧ ପୂର୍ବରୁ ବ୍ରିଟେନ୍ ବିଶ୍ୱ ଅର୍ଥନୀତିରେ ଶ୍ରେଷ୍ଠ ଦେଶ ଥିଲା। ବଜେଟରେ ପ୍ରତିରକ୍ଷା ଖର୍ଚ୍ଚ ବୃଦ୍ଧି ପାଇଲା। ଯୁଦ୍ଧ ସମୟରେ ବ୍ରିଟିଶ ବଜାରରେ କିଛି ମିଳିଲାନି ଏବଂ ବ୍ରିଟେନ୍ ଘୋର ଆର୍ଥିକ ଦରବସ୍ଥାର ସମ୍ମୁଖୀନ ହେଲା। ସରକାର ବଜାରର ସ୍ଥିତାବସ୍ଥା ଫେରାଇ ଆଣିବା ପାଇଁ ଅସମର୍ଥ ହେଲେ। ଯୁଦ୍ଧ ଖର୍ଚ୍ଚ ପାଇଁ ଅର୍ଥ ଯୋଗାଡ ହେବାରେ ବାଧା ହେଲା। କିଛି ଆର୍ଥିକ ବୋଝକୁ ହାଲୁକା କରିବା ଲାଗି ପରୋକ୍ଷ କର ଏବଂ ସମ୍ପତ୍ତି ଓ ଉପାର୍ଜନ ଉପରେ ପ୍ରତ୍ୟକ୍ଷ କର ଲାଗୁ କଲେ। ଆନ୍ତର୍ଜାତିକ ଓ ସାଧାରଣ ଲୋକଙ୍କଠାରୁ ଯୁଦ୍ଧ ବଣ୍ଡ୍ ଦ୍ୱାରା ଅର୍ଥସଂଗ୍ରହ କରାଗଲା। ଲୋକମାନଙ୍କୁ ଯୁଦ୍ଧ ବଣ୍ଡ୍‌ରେ ବିନିଯୋଗ କରିବା ସକାଶେ ପ୍ରୋତ୍ସାହିତ କରାଗଲା। ମୁଦ୍ରାସ୍ଫୀତିକୁ ଖାତିର ନ କରି ଅଧିକ ନୋଟ୍ ଛପାଗଲା। ବ୍ରିଟେନ୍‌ର ବୈଦେଶିକ ବାଣିଜ୍ୟ ପ୍ରଭାବିତ ହେଲା ଏବଂ ବ୍ରିଟେନ୍‌ରେ ଆର୍ଥିକ ମାନ୍ଦାବସ୍ଥା ଦେଖାଗଲା। ଯୁଦ୍ଧ ବଣ୍ଡ୍‌ର ଋଣ ବ୍ରିଟେନ୍ ସମ୍ମୁଖରେ ଏକ ଭୟଙ୍କର ରାକ୍ଷସ ଭାବେ ଉଭା ହେଲା। ଅପରପକ୍ଷରେ ଜାପାନ ଉତ୍ପାଦିତ ସାମଗ୍ରୀର ହଠାତ୍ ବିଶ୍ୱବଜାରରେ ଚାହିଦା ବଢି ଯିବାରୁ ଜାପାନର ଅର୍ଥନୀତି ସୁଦୃଢ ହେବାକୁ ଲାଗିଲା। ବିଶ୍ୱବଜାରରେ ୟୁରୋପ ସାମଗ୍ରୀ ଉପଲବ୍ଧ ନ ହେବାରୁ ଜାପାନ ସାମଗ୍ରୀର ଚାହିଦା ବଢିଲା।

ମୋଟାମୋଟି ଭାବରେ ପ୍ରଥମ ବିଶ୍ୱଯୁଦ୍ଧର ପ୍ରଳୟଙ୍କରୀ ବିଭୀଷିକା ବିଶ୍ୱର ଅନେକ ରାଷ୍ଟ୍ରର ଆର୍ଥିକ ମେରୁଦଣ୍ଡକୁ ଦୋହଲାଇ ଦେଇଛି।



## ସଂକ୍ଷେପରେ

### ବିଷକ୍ରିୟାରେ ୨ ମୃତ

ବ୍ରହ୍ମପୁର ଅଫିସ,୧୦।୧୧: ଛତ୍ରପୁର ଏବଂ ଖଲ୍ଲିକୋଟ ଥାନାଞ୍ଚଳରେ ବିଷ ପ୍ରକ୍ରିୟାରେ ୨ ଜଣଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି । ଶୁକ୍ରବାର ଛତ୍ରପୁର ଥାନାଞ୍ଚଳ ଏକ ଗ୍ରାମରେ ୧୫ ବର୍ଷୀୟା ଜଣେ ନାବାଳିକା ଘରେ କୀଟନାଶକ ଖାଇ ମୃତ୍ୟୁବରଣ କରିଥିବା ଜଣାପଡିଛି। ନାବାଳିକା ଜଣକ କୌଣସି ବିଷୟକୁ ନେଇ ଘରେ କେହି ନ ଥିବା ସମୟରେ କୀଟନାଶକ ପିଇ ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପରିବାର ବର୍ଗ ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ । ଏନେଇ ବୈଦ୍ୟନାଥପୁର ଥାନାରେ ନଂ. ୫୭୭/୧୮ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଜଣାଯାଇଛି । ସେହିପରି ଖଲ୍ଲିକୋଟ ଥାନା ତେନ୍ତୁଳିଆପଲ୍ଲୀ ଗ୍ରାମରେ ବିଷ କ୍ରିୟାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି । ସେ ହେଲେ ଅମିନ ପଲାଇଙ୍କ ସ୍ତ୍ରୀ କୁନି(୩୦) । ଶୁକ୍ରବାର କୌଣସି କାରଣରୁ କୁନି କୀଟନାଶକ ପିଇ ଗୁରୁତର ଅସୁସ୍ଥ ହୋଇଥିଲେ । ପରିବାର ବର୍ଗ ପ୍ରଥମେ ଖଲ୍ଲିକୋଟ ମେଡିକାଲ ପରେ ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରିଥିଲେ ।
ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା । ଏନେଇ ବୈଦ୍ୟନାଥପୁର ଥାନାରେ ନଂ. ୫୭୯/୧୮ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଜଣାଯାଇଛି ।

### ସଡ଼କ ଦୁର୍ଘଟଣାରେ ଚିକିତ୍ସାଧୀନଙ୍କ ମୃତ୍ୟୁ

ବ୍ରହ୍ମପୁର ଅଫିସ,୧୦।୧୧ : ସଡ଼କ ଦୁର୍ଘଟଣାରେ ଚିକିତ୍ସାଧୀନଙ୍କ ବ୍ରହ୍ମପୁର ବଡ ମେଡିକାଲରେ ଶୁକ୍ରବାର ମୃତ୍ୟୁ ଘଟିଛି । ମୃତକ ହେଲେ କନ୍ଧମାଳ ଜିଲା ଖଜୁରିପଡା ଥାନା ଗଣ୍ଡାକାଠି ଗ୍ରାମର ମାଛମାରୀ ବେହେରା(୬୨)। ଗୁରୁବାର ଟିଟ୍ରାପାଙ୍ଗା ଗ୍ରାମ ନିକଟରେ ଏକ ସଡ଼କ ଦୁର୍ଘଟଣାରେ ସେ ଗୁରୁତର ହୋଇ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି ହୋଇଥିଲେ । ଶୁକ୍ରବାର ଅପରାହ୍ନରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି । ଏନେଇ ବୈଦ୍ୟନାଥପୁର ଥାନାରେ ନଂ. ୫୭୮/୧୮ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ କରାଯାଇଛି ।

### ଜିଲାସ୍ତରୀୟ ଲୋକ ଅଦାଲତ

ବ୍ରହ୍ମପୁର ଅଫିସ,୧୦।୧୧ : ଗଞ୍ଜାମ ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ବ୍ରହ୍ମପୁର ସଦର ମହକୁମାରେ ଅବସ୍ଥାପିତ ସମସ୍ତ କୋର୍ଟ ଗୁଡିକରେ ଶନିବାର ୨୦୧୮ ବର୍ଷର ଷଷ୍ଠ ଜିଲାସ୍ତରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି ।
ଜିଲା ଜଜ୍ ତଥା ପ୍ରାଧିକରଣ ଅଧକ୍ଷ ବିଭୁପ୍ରସାଦ ରାଉତରାୟଙ୍କ ଅଧକ୍ଷତାରେ ପ୍ରାଧିକରଣ ସଚିବ ବିଜୟ କୁମାର ଦାସଙ୍କ ପରିଚାଳନାରେ ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା । ସମୁଦାୟ ୨୨ ଦେୱାନୀ ଏବଂ ଫୌଜଦାରୀ ମକଦମାଗୁଡିକର ଫଇସଲା ହୋଇଥିଲା। ଉକ୍ତ ମକଦମା ଗୁଡିକ ସଦର ମହକୁମାସ୍ଥିତ କୋର୍ଟଗୁଡିକର ବିଚାରପତି ମାନଙ୍କ ଦ୍ୱାରା ବିଚାର କରାଯାଇଥିଲା ।

## ଗୋପାଳପୁର ନିର୍ବାଚନମଣ୍ଡଳୀ ରାଜନୀତି

# ମିଶ୍ରଣ ପର୍ବରେ ଭାଜପାକୁ ଘାଇଲା କରୁଛି ବିଜେଡି

- ଭାଜପା କହିଲା ବିଜେଡିରେ କେହି ସାମିଲ ହୋଇନାହାନ୍ତି
- ଆଗାମୀ ନିର୍ବାଚନରେ ଟକ୍କର ଦେବାକୁ ପ୍ରସ୍ତୁତ ହେଉଛି ଭାଜପା
- ଶାସକ ଦଳ ବ୍ୟାନରରେ କ୍ଷତିପୂରଣ ବଣ୍ଟନ ଅଭିଯୋଗ

ବ୍ରହ୍ମପୁର ଅଫିସ,୧୦।୧୧

ଗଞ୍ଜାମ ଜିଲା ଗୋପାଳପୁର ନିର୍ବାଚନ ମଣ୍ଡଳୀରେ ଭାଜପାକୁ ଘାଇଲା କରୁଛି ବିଜେଡି । ସାଧାରଣ ନିର୍ବାଚନ ପାଖେଇ ଆସୁଥିବାରୁ ଦଳୀୟ ସଂଗଠନକୁ ଅଧିକ ସୁଦୃଢ଼ କରିବା ପାଇଁ ଗତ କିଛିଦିନ ହେବ ଜିଲା ବିଜେଡି ସଭାପତି ତଥା ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ ଘନ ଘନ ମିଶ୍ରଣ ପର୍ବ କରି ବିରୋଧୀ କଂଗ୍ରେସ ଓ ଭାଜପା କର୍ମୀ ଏବଂ ପଞ୍ଚାୟତ ନିର୍ବାଚିତ ପ୍ରତିନିଧିଙ୍କୁ ନିଜ ଦଳକୁ ଟାଣି ଆଣିବା ଲାଗି କସରତ ଚଳାଇଛନ୍ତି। ଇତିମଧ୍ୟରେ ହୁଗୁଲାପଟା, ବୋରିଗାଁ, ଚାନ୍ଦପୁର, ଧବଳେଶ୍ୱର, ଗଉଞ୍ଜୁ, ଶାସନପଦର ଓ ବିଶ୍ୱନାଥପୁର ଆଦିରେ ବିଜେଡିର ଜନ ସମ୍ପର୍କ ପଦଯାତ୍ରା ଅବସରରେ ମିଶ୍ରଣ ପର୍ବ କରାଯାଉଛି ଏବଂ ବିରୋଧୀ ଦଳ ଗ୍ରାମାଞ୍ଚଳ ନେତା ଓ କର୍ମୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଶଙ୍ଖଚିହ୍ନ ଦଳରେ ସାମିଲ ହେଉଥିବା ଘୋଷଣା କରି ଗଣମାଧ୍ୟମକୁ କୁହାଯାଉଛି । ସୂଚନାଯୋଗ୍ୟ, ସ୍ୱାଧୀନତା ପରେ ଡୁରା ନିର୍ବାଚନ ମଣ୍ଡଳୀ ହୋଇଥିଲା । ଦୀର୍ଘ ବର୍ଷ ପରେ ଏହାର ନାମ ପରିବର୍ତ୍ତନ ହୋଇ ଗୋପାଳପୁର ନାମରେ ନାମିତ ହୋଇଛି । ଅତୀତରେ ଏହି ନିର୍ବାଚନ ମଣ୍ଡଳୀ କଂଗ୍ରେସର ଦୁର୍ଗ ଥିଲା। ୧୯୯୦ ନିର୍ବାଚନରେ ପ୍ରଥମେ ଜନତା ଦଳରୁ ସ୍ୱର୍ଗତ ରାମଚନ୍ଦ୍ର ସେଠୀ ବିଧାୟକ ହୋଇଥିଲେ । ପରବର୍ତ୍ତୀ ଆଉ ଦୁଇଟି ନିର୍ବାଚନରେ ମଧ୍ୟ ସେଠୀ ନିର୍ବାଚିତ ହୋଇ ହ୍ୟାଟ୍ରିକ କରିଥିଲେ । ୨୦୦୪ରେ ପୁଣି କଂଗ୍ରେସ ପ୍ରାର୍ଥୀ ତ୍ରିନାଥ ବେହେରା ବିଧାୟକ ହୋଇଥିଲେ । ୨୦୦୯ ଓ ୨୦୧୪ ନିର୍ବାଚନରେ ବିଜେଡିରୁ ପ୍ରଦୀପ ପାଣିଗ୍ରାହୀ ନିର୍ବାଚିତ ହୋଇଛନ୍ତି ।

ରଙ୍ଗେଇଲୁଣ୍ଡା ବ୍ଲକ, ଗୋପାଳପୁର ଏନ୍‌ଏସି, କୁକୁଡ଼ାଖଣ୍ଡି ବ୍ଲକର ୫ ପଞ୍ଚାୟତ ଏବଂ ବ୍ରହ୍ମପୁର ମହାନଗର ନିଗମର ୫ ୱାର୍ଡକୁ ନେଇ ଗୋପାଳପୁର ନିର୍ବାଚନ ମଣ୍ଡଳୀ ଗଠନ ହୋଇଛି। କଂଗ୍ରେସର ସଂଗଠନ ଦୁର୍ବଳ ଥିବା ବେଳେ ବିଜେଡିକୁ ଟକ୍କର ଦେଉଛି ଭାଜପା। ଗତ ବିଧାନସଭା ନିର୍ବାଚନରେ ଭାଜପା ପ୍ରାର୍ଥୀ ଦ୍ୱିତୀୟ ସ୍ଥାନରେ ଥିଲେ । ଏବେ ସଂଗଠନକୁ ବିସ୍ତାର କରିବା ପାଇଁ ଭାଜପା ନୂଆ ରଣନୀତି ଆପଣାଇଛି । ବିଭିନ୍ନ ପ୍ରସଙ୍ଗ ନେଇ ଶାସକ ଦଳକୁ ଟକ୍କର ଦେଉଛି । ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଭାଜପା କିଛି ମାତ୍ରାରେ ସଫଳତା ପାଇଥିବାରୁ ନେତା ଓ କର୍ମୀ ଉତ୍ସାହିତ ହୋଇଯାଇଛନ୍ତି । ତେଣୁ ୨୦୧୯ ନିର୍ବାଚନରେ ବିଜେଡିକୁ କଡ଼ା ମୁକାବିଲା କରିବା ଲାଗି ପ୍ରସ୍ତୁତ ହେଉଛି ଭାଜପା । ତେଣୁ ଶାସକ ଦଳ ବିବ୍ରତ ହୋଇଯାଇଥିବା ରାଜନୈତିକ ଚର୍ଚ୍ଚା ହେଉଛି ।

ରାଜ୍ୟ ଭାଜପା ସମ୍ପାଦକ ତଥା ଗୋପାଳପୁର ଆସନର ପରାଜିତ ପ୍ରାର୍ଥୀ ବିଭୂତି ଜେନା ପ୍ରତିକ୍ରିୟାରେ କହିଛନ୍ତି, ତାଙ୍କ ଦଳର ଜଣେ ମଧ୍ୟ ଗ୍ରାମାଞ୍ଚଳ ନେତା ଓ କର୍ମୀ ବିଜେଡିରେ ସାମିଲ ହୋଇନାହାନ୍ତି । ପଦଯାତ୍ରା ଅବସରରେ ବିଧାୟକ ନେଳିଆ ଓଢ଼ଣି ପକାଇ ବିଜେଡିରେ ଯୋଗ ଦେଇଥିବାର କହି ଶସ୍ତା ରାଜନୀତି କରୁଛନ୍ତି । ଗତ ମାସର ତିତ୍‌ଲି ପ୍ରଭାବରେ କ୍ଷତିଗ୍ରସ୍ତ ଲୋକଙ୍କୁ ସରକାରୀ ସହାୟତା ଦିଆଯିବାର ବ୍ୟବସ୍ଥା ହୋଇଛି। ତାହା ସରକାରୀ କର୍ମଚାରୀ ବାଣ୍ଟିବାର ନିୟମ ରହିଛି। ଏହାକୁ ଉଲ୍ଲଂଘନ କରି କେବଳ ଗୋପାଳପୁର ନୁହେଁ ସମସ୍ତ ନିର୍ବାଚନ ମଣ୍ଡଳୀର ମନ୍ତ୍ରୀ, ବିଧାୟିକା ଓ ବିଧାୟକମାନେ ଶଙ୍ଖ ଚିହ୍ନ ପତାକା ଧରି କ୍ଷତିପୂରଣ ଟଙ୍କା ଏବଂ ରିଲିଫ ସାମଗ୍ରୀ ବାଣ୍ଟି ବାହାବା ନେଉଥିବା ଜେନା ସଙ୍ଗୀନ ଅଭିଯୋଗ କରିଛନ୍ତି । ଭାଜପା ଜନ ପ୍ରତିନିଧି ଓ ଦଳର କର୍ମୀ ବିଜେଡିରେ ଯୋଗଦେବା ପ୍ରଚାରକୁ ସେ ଖଣ୍ଡନ କରିଛନ୍ତି ।

## ଗଛରୁ କଣ୍ଟା କାଢ଼ିଲେ ବିଧାୟକ

ବ୍ରହ୍ମପୁର ଅଫିସ,୧୦।୧୧: ଗଛଗୁଡ଼ିକୁ କଣ୍ଟା ଯନ୍ତ୍ରଣାରୁ ମୁକ୍ତିଦେବା ପାଇଁ ବ୍ରହ୍ମପୁର ସବୁଜ ବାହିନୀ ତରଫରୁ 'ମୁଁ ବି ବଞ୍ଚିବାକୁ ଚାହେଁ' ଅଭିଯାନ ଚାଲିଛି । ଶନିବାର ଏହି ଅଭିଯାନରେ ସାମିଲ୍ ହୋଇଛନ୍ତି ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ । ସବୁଜ ବାହିନୀ ପକ୍ଷରୁ ଶନିବାର ସକାଳେ ଗିରିଜା ରେଷ୍ଟୁରାଣ୍ଟ ଛକରୁ ଖଲ୍ଲିକୋଟ କଲେଜ ଛକ ପର୍ଯ୍ୟନ୍ତ ଗଛରୁ କଣ୍ଟା କଢ଼ା କାର୍ଯ୍ୟକ୍ରମ କରାଯାଇଥିଲା । ସବୁଜ ବାହିନୀ ଏବଂ ଆଞ୍ଚଳିକ ବିକାଶ ପରିଷଦ କର୍ମକର୍ତ୍ତାମାନେ ଗୋଟିଏ ପରେ ଗୋଟିଏ ଗଛରୁ କଣ୍ଟା ବାହାର କରିଥିଲେ। ଖଲ୍ଲିକୋଟ କଲେଜ ଛକ ପାଖରେ ଏହି କାର୍ଯ୍ୟକ୍ରମରେ ବିଧାୟକ ସାହୁ ଭାଗ ନେଇଥିଲେ । ସେ ନିଜେ ଶିଢ଼ି ସାହାଯ୍ୟରେ ଗଛରେ ଚଢ଼ି କଣ୍ଟା ବାହାର କରିଥିଲେ । ଆଖା ପାଖ ଅଞ୍ଚଳର କେତେକ ଗଛରୁ କଣ୍ଟା କାଢ଼ିବା ସହ ଏଭଳି କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ । ସବୁଜ ବାହିନୀର ସଭାପତି ଶିବରାମ ପାଣିଗ୍ରାହୀ, ସମ୍ପାଦକ ଏମ୍.ଦିଲୀପ କୁମାର, ଆଞ୍ଚଳିକ ବିକାଶ ପରିଷଦ ସଭାପତି ସାଗର କୁମାର ପାତ୍ର, ବିଜେନ୍ଦ୍ର ମାଝି, ସୋନୁ ମାନ୍ନା, କେ.ସୁଶୀଲ କୁମାର, ପି.ଅରବିନ୍ଦ, ବନମାଳୀ ପ୍ରଧାନ ଓ ଶିବରାମ ବେହେରା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସାମିଲ୍ ହୋଇଥିଲେ ।


ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ଗଛରୁ କଣ୍ଟା ବାହାର କରୁଛନ୍ତି ।

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ: ମାନବ ଅଧିକାର ସମ୍ପର୍କିତ କର୍ମଶାଳା

ବ୍ରହ୍ମପୁର ଅଫିସ, ୧୦।୧୧

ମୌଳିକ ଆବଶ୍ୟକତା ଖାଦ୍ୟ, ବସ୍ତ୍ର, ବାସଗୃହ ସହ ଶିକ୍ଷା, ସ୍ୱାସ୍ଥ୍ୟ, ସୁସ୍ଥ ପରିବେଶ, ସ୍ୱାଧୀନତା ମନୁଷ୍ୟର ଅଧିକାର। କିନ୍ତୁ ଏହାକୁ ରକ୍ଷା କରିବା ପ୍ରତ୍ୟେକଙ୍କ ଦାୟିତ୍ୱ । କେବଳ ଅଧିକାରକୁ ନେଇ ଆଲୋଚନା କଲେ ହେବନି, ନିଜ କର୍ତ୍ତବ୍ୟ ପ୍ରତି ମଧ୍ୟ ଧ୍ୟାନ ଦେବାକୁ ପଡିବ । ମାନବ ଅଧିକାରକୁ ଅକ୍ଷୁର୍ଣ୍ଣ ରଖିବା ତଥା କୌଣସି ବ୍ୟକ୍ତି କାହାରି ମାନବ ଅଧିକାରକୁ ରକ୍ଷା କରିବା ନେଇ ସମ୍ବିଧାନରେ ବ୍ୟବସ୍ଥା ରହିଛି । କିନ୍ତୁ ସଚେତନତା ଅଭାବରୁ ଏହି ଅଧିକାରକୁ ନେଇ ହିଂସା ସୃଷ୍ଟି ହେଉଛି। ଏଥିପ୍ରତି ଜନସାଧାରଣଙ୍କୁ ସଚେତନ କରାଇବା ଦିଗରେ ଆଗଭର ହେବାକୁ ପଡିବ ବୋଲି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଆୟୋଜିତ ମାନବ ଅଧିକାର ସମ୍ପର୍କିତ କର୍ମଶାଳାରେ ଯୋଗଦେଇ ଓଡିଶା ହାଇକୋର୍ଟ ଜଷ୍ଟିସ ଜେ. ପି. ଦାଶ ମତବ୍ୟକ୍ତ କରିଛନ୍ତି । ମାନବ ଅଧିକାର କ୍ଷୁର୍ଣ୍ଣ ହେବା ନେଇ ଦାବି କରିବା ପୂର୍ବରୁ ପ୍ରତ୍ୟେକ ବ୍ୟକ୍ତି ନିଜକୁ ପ୍ରଥମେ ପରଖିବାକୁ ଜଷ୍ଟିସ ପରାମର୍ଶ ଦେଇଥିଲେ ।



ମଞ୍ଚାସୀନ ଅତିଥି ବୃନ୍ଦ ।

ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଆଇନ ବିଭାଗ ପକ୍ଷରୁ ଜାତୀୟ ମାନବ ଅଧିକାର ଆୟୋଗ, ନୂଆଦିଲ୍ଲୀ ଆନୁକୂଲ୍ୟରେ ନୂତନ ସମ୍ମିଳନୀ କକ୍ଷରେ ଶନିବାର ମାନବ ଅଧିକାର ସମ୍ପର୍କିତ କର୍ମଶାଳା ଆୟୋଜିତ ହୋଇଯାଇଛି । ଏଥିରେ ଓଡିଶା ହାଇକୋର୍ଟର ଜଷ୍ଟିସ ଜେ.ପି. ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । କୁଳପତି ପ୍ରଫେସର ରାଜେନ୍ଦ୍ର ପ୍ରସାଦ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପିଜି କାଉନସିଲ ଚେୟାରମ୍ୟାନ ପ୍ରଫେସର ଦେବୀପ୍ରସନ୍ନ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ବିଭାଗୀୟ ମୁଖ୍ୟ ପ୍ରଫେସର ଭାଗୀରଥି ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିବା ସହ କର୍ମଶାଳାର ଉଦ୍ଦେଶ୍ୟ ନେଇ ଆଲୋକପାତ କରିଥିଲେ । ମାନବ ଅଧିକାରକୁ ନେଇ ଆଲୋଚନା କରିବା ପୂର୍ବରୁ ପ୍ରତ୍ୟେକ ବ୍ୟକ୍ତି ନିଜ କର୍ତ୍ତବ୍ୟ ପ୍ରତି ସଚେତନ ହେବାକୁ କୁଳପତି ପ୍ରଫେସର ଦାସ ମତବ୍ୟକ୍ତ କରିଥିଲେ। ଆସିଷ୍ଟାଣ୍ଟ ପ୍ରଫେସର ଚିତ୍ତରଞ୍ଜନ ଗୋଗୋଇ ଧନ୍ୟବାଦ ଦେଇଥିଲେ । ଟେକ୍ନିକାଲ ସେକ୍ସନରେ ଆଡିଶନାଲ ଡାଇରେକ୍ଟର ଜେନେରାଲ ପୋଲିସ ଡ. ସୁଧାଂଶୁ ଷଡଙ୍ଗୀ ଯୋଗଦେଇଥିବା ବେଳେ ମଧୁସୂଦନ ଆଇନ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ସୁକାନ୍ତ କୁମାର ନନ୍ଦ, ଭୁବନେଶ୍ୱର ବିର୍ଲା ଗ୍ଲୋବାଲ ବିଶ୍ୱବିଦ୍ୟାଳୟର ବିର୍ଲା ସ୍କୁଲ ଅଫ ଆଇନ ପ୍ରଫେସର ଏଲ.କେ.ଦେବ, ସମ୍ବଲପୁର ବିଶ୍ୱବିଦ୍ୟାଳୟ ଆଇନ ସ୍ନାତକୋତ୍ତର ବିଭାଗ ପ୍ରଫେସର ସୁଧାଂଶୁ ରଞ୍ଜନ ମହାପାତ୍ର, ଲିଙ୍ଗରାଜ ଆଇନ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଏନ.ସି. ପଟ୍ଟନାୟକ, ସମ୍ବଲପୁର ଲଜପତ ରାୟ ଆଇନ ମହାବିଦ୍ୟାଳୟ ରିଡର ଡ. ବିକ୍ରମ ଦାଶଙ୍କ ସମେତ ବିଭିନ୍ନ ଆଇନ ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ପ୍ରଫେସର ଯୋଗଦେଇ ମାନବ ଅଧିକାରର ବିଭିନ୍ନ ଦିଗ ଉପରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ବିଶ୍ୱବିଦ୍ୟାଳୟର ଅଧ୍ୟାପିକା ଅଧ୍ୟାପକ, ଗବେଷିକା ଗବେଷକ, ଛାତ୍ରୀଛାତ୍ର ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ ।



ହିଞ୍ଜିଳିକାଟୁରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଅନ୍ୟମାନେ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କ ଗସ୍ତର ଏପାଖ ସେପାଖ

### ଜିଲାପରିଷଦ ସଭ୍ୟାଙ୍କ ବ୍ୟାଗ ଯାଞ୍ଚ

ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ଶନିବାର ପୂର୍ବାହ୍ନ ୧୧ ଟାରେ ଛତ୍ରପୁରସ୍ଥିତ ଡିଆରଡିଏ ସମ୍ମିଳନୀ ଗୃହରେ ଜିଲାପରିଷଦ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା । ଡିଆରଡିଏ କାର୍ଯ୍ୟାଳୟର ମୁଖ୍ୟ ଫାଟକରେ ଭିତରକୁ ପ୍ରବେଶ ପୂର୍ବରୁ ଜିଲା ପରିଷଦ ସଭ୍ୟାଙ୍କର ଭ୍ୟାନିଟି ବ୍ୟାଗକୁ ପୋଲିସ ଯାଞ୍ଚ କରୁଥିବା ଦେଖିବାକୁ ମିଳିଥିଲା । କେତେକ ଜିଲାପରିଷଦ ସଭ୍ୟା ଗଣମାଧ୍ୟମ ଆଗରେ ଏହାକୁ ନାପସନ୍ଦ କରିଥିଲେ । ଡିଆରଡିଏ କାର୍ଯ୍ୟାଳୟରେ ହିଁ ନୂତନ ଜିଲା ପରିଷଦ ଭବନ ନିର୍ମାଣ ହୋଇଛି । ଏହାକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ଥିବାରୁ ପୋଲିସ ପକ୍ଷରୁ ଏପରି କରାଯାଉଥିବା ଜଣାପଡିଛି ।

### ଗୋଡ ଛୁଇଁ ସ୍ୱାଗତ

ଛତ୍ରପୁର ଷ୍ଟାଡିୟମସ୍ଥିତ ଅସ୍ଥାୟୀ ହେଲିପ୍ୟାଡରେ ମୁଖ୍ୟମନ୍ତ୍ରୀ ହେଲିକପ୍ଟରରୁ ଓହ୍ଲାଇଥିଲେ । ସେଠାରେ ମୁଖ୍ୟମନ୍ତ୍ରୀଙ୍କୁ କେତେକ ଗୋଡ଼ ଛୁଇଁବା ସହ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରୁଥିବା ଦେଖିବାକୁ ମିଳିଥିଲା । ମୁଖ୍ୟମନ୍ତ୍ରୀ ମଧ୍ୟ ଆଶୀର୍ବାଦ କରିଥିଲେ । ପରେ ନୂତନ ଜିଲାପରିଷଦ ଭବନରେ ମୁଖ୍ୟମନ୍ତ୍ରୀ ପହଞ୍ଚିବା ମାତ୍ରେ ଉପସ୍ଥିତ ଜିଲାପରିଷଦ ସଭ୍ୟା ମାନେ ହୁଳହୁଳି ଦେଇ ତାଙ୍କୁ ସ୍ୱାଗତ କରିଥିଲେ ।



### ୭ ଜଣଙ୍କୁ ଉଠାଇଲା ପୋଲିସ

ମୁଖ୍ୟମନ୍ତ୍ରୀ ଆସିବାର କିଛିସମୟ ପୂର୍ବରୁ ନବନିର୍ମିତ ଜିଲାପରିଷଦ ଭବନ ବାହାରେ ଜାତୀୟ ରାଜପଥ ନିକଟରୁ ୭ ଜଣଙ୍କୁ ଛତ୍ରପୁର ପୋଲିସ ଜିପ୍‌ରେ ବସାଇ ଥାନାକୁ ନେଇଥିଲା । ଏମାନେ କଳାପତାକା ଧରିଥିବା ଗୁଜବ ମଧ୍ୟ ସୃଷ୍ଟି ହୋଇଥିଲା । ମାତ୍ର ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଦାବି ପତ୍ର ଦେବାକୁ ଉକ୍ତ ୭ ଜଣ ଆସିଥିଲେ । ତେବେ ପ୍ରଥମେ ପୋଲିସ ଏମାନଙ୍କୁ ବାରଣ କରିଥିଲା । ମାତ୍ର ଏମାନେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାକୁ ଅଡି ବସିବାରୁ ପୋଲିସ ଉକ୍ତ ୭ ଜଣଙ୍କୁ ଥାନାକୁ ନେଇଥିଲା । ଏମାନେ ପୁରୁଷୋତ୍ତମପୁର ଅଞ୍ଚଳର ଏବଂ ସେଠାରେ ରେଳଲାଇନ ଦାବି ଜଣାଇବାକୁ ଛତ୍ରପୁର ଆସିଥିଲେ । ପରେ ଏମାନଙ୍କୁ ପୋଲିସ ଥାନାରୁ ଛାଡିଦେଇଛି ।

### ଫଟୋ ଉଠାଇବାକୁ ବାରଣ

ମୁଖ୍ୟମନ୍ତ୍ରୀଙ୍କ ଉଦ୍‌ଘାଟନ ସ୍ଥଳକୁ ଯାଇ ଗଣାମଧମର କ୍ୟାମେରାମ୍ୟାନ୍‌ମାନଙ୍କୁ ଫଟୋ ଉଠାଇବାକୁ ପୋଲିସ ପକ୍ଷରୁ ବାରଣ କରାଯାଇଥିଲା । ଫଳରେ କ୍ୟାମେରାମ୍ୟାନ୍ ମାନେ ବହୁ ଦୂରରୁ ଫଟୋ ଉଠାଉଥିବା ଦେଖିବାକୁ ମିଳିଥିଲା। ଅପରପକ୍ଷରେ ପ୍ରଶାସନ ପକ୍ଷରୁ ନିଯୁକ୍ତ ଇଭେଣ୍ଟ ମ୍ୟାନେଜମେଣ୍ଟର ୨ ଜଣ ଫଟୋ ଗ୍ରାଫର ଜିଲାପରିଷଦ ଭବନ ଉଦ୍‌ଘାଟନର ଫଟୋ ଉଠାଉଥିଲେ ।

### ଶେରଗଡ଼ରେ ବସିବାକୁ ଜାଗା ମିଳିଲାନି

ମହାତ୍ମା ଗାନ୍ଧୀ ଉଚ୍ଚ ବିଦ୍ୟାଳୟ ଖେଳପଡିଆସ୍ଥିତ ସଭାସ୍ଥଳରେ ବସିବାକୁ ଜାଗା ମିଳି ନ ଥିବା ଦେଖିବାକୁ ମିଳିଥିଲା । ଫଳରେ ବହୁ ଲୋକ ଖରାରେ ଛିଡା ହୋଇଥିଲେ । ମାତ୍ର ୭ ହଜାର ଚୌକି ପଡିଥିବାବେଳେ ୭୫ ଭାଗ ସିଟ୍‌ରେ ମହିଳାମାନେ ବସିଥିଲେ । ଠିକ୍ ୯ଟା ବେଳକୁ ପରିସ୍ଥିତି ଅସମ୍ଭାଳ ହୋଇଥିଲା । ବହୁ ଲୋକେ ବାହାରେ ଛିଡା ହୋଇଥିଲେ । ମୁଖ୍ୟମନ୍ତ୍ରୀ ପହଞ୍ଚିବା ବେଳକୁ ଏହା ଦ୍ୱିଗୁଣିତ ହୋଇଯାଇଥିଲା ।

### ବ୍ରହ୍ମପୁର ନେତାଙ୍କ ଭିଡରେ ଲୁଚିଗଲେ ଶେରଗଡ ନେତା

ହେଲିପ୍ୟାଡରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିବାକୁ ବିଜେଡିର ବହୁ ଜିଲାସ୍ତରୀୟ ନେତାଙ୍କ ଭିତରେ ଶେରଗଡ ନେତା ଲୁଚି ଯାଇଥିବା ଦେଖିବାକୁ ମିଳିଥିଲା । ପୂର୍ବାହ୍ନ ସାଢେ ୧୦ଟା ବେଳକୁ ବ୍ରହ୍ମପୁରର ୩୦ ରୁ ଅଧିକ ନେତା ପହଞ୍ଚି ଯାଇଥିଲେ । ହେଲିପ୍ୟାଡରେ ମାତ୍ର ପୋଲିସ ଓ ପ୍ରଶାସନ ପକ୍ଷରୁ କେବଳ ଶେରଗଡର ୧୧ ଜଣଙ୍କୁ ଭିତରକୁ ଯିବାପାଇଁ ଅନୁମତି ମିଳିଥିଲା । ଯେତେବେଳେ ହେଲିକପ୍ଟର ଶବ୍ଦ ଶୁଭିଥିଲା ବ୍ରହ୍ମପୁର ଠାରୁ ଆରମ୍ଭ କରି ବାହାରର ସମସ୍ତ ନେତା ଭିତରକୁ ପଶିଯାଇଥିଲେ । ଏହାକୁ ନେଇ ଚର୍ଚ୍ଚା ଜୋର ଧରିଥିଲା ।

# ଯୁବଗୋଷ୍ଠୀ ସମାଜ, ଦେଶ ପ୍ରଗତିରେ ସାମିଲ ହୁଅନ୍ତୁ: ଜିଲାପାଳ

ବ୍ରହ୍ମପୁର ଅଫିସ,୧୦।୧୧

## ୨୪ତମ ଜିଲା ଯୁବ ମହୋତ୍ସବ ଉଦ୍‌ଘାଟିତ

ଯୁବକ ହେଉଛନ୍ତି ଦେଶ ଓ ରାଜ୍ୟର ଆଗାମୀ ଭବିଷ୍ୟତ । ଦେଶ, ରାଜ୍ୟ ତଥା ସମାଜର ପ୍ରଗତି ବର୍ତ୍ତମାନର ଯୁବଗୋଷ୍ଠୀଙ୍କ ଉପରେ ନିର୍ଭର କରେ । ତେଣୁ ଯୁବଗୋଷ୍ଠୀ ପ୍ରତ୍ୟେକ କ୍ଷେତ୍ରରେ ନିଜକୁ ଶ୍ରେଷ୍ଠ ପ୍ରମାଣିତ କରି ସମାଜ, ରାଜ୍ୟ ତଥା ଦେଶର ପ୍ରଗତିରେ ନିଜକୁ ସାମିଲ କରନ୍ତୁ। ନିଜ ମଧ୍ୟରେ ଥିବା ଚେତନା ଶକ୍ତିର ବିକାଶ ଉପରେ ଧ୍ୟାନ କେନ୍ଦ୍ରୀଭୂତ କରି ସମାଜର ବିକାଶ କରିବା ଦିଗରେ ଅଗ୍ରସର ହୁଅନ୍ତୁ । ବ୍ରହ୍ମପୁର ଷ୍ଟାଡିୟମରେ ରାଜ୍ୟ କ୍ରୀଡା ଓ ଯୁବସେବା ବିଭାଗ ଏବଂ ଜିଲା ପ୍ରଶାସନ କ୍ରୀଡା ବିଭାଗ ଆନୁକୂଲ୍ୟରେ ଶନିବାର ଆୟୋଜିତ ୨୪ତମ ଗଞ୍ଜାମ ଜିଲା ଯୁବ ମହୋତ୍ସବ ଉଦ୍‌ଘାଟନୀ ଉତ୍ସବରେ ସଭାପତିତ୍ୱ କରି ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଏହା କହିଛନ୍ତି । ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସମାଜ ପ୍ରତି ରହିଥିବା ନିଜ ଦାୟିତ୍ୱ ପ୍ରତିପାଦିତ କରିବାକୁ ଜିଲାପାଳ ଆହ୍ୱାନ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଯୋଗଦେଇ ବ୍ରହ୍ମପୁର ଏମ୍‌ପି ସିଦ୍ଧାନ୍ତ ମହାପାତ୍ର କହିଥିଲେ, ବର୍ତ୍ତମାନ ଓଡିଶା ଏକ କ୍ରୀଡାର ହବ ଭାବେ ସାରା ବିଶ୍ୱରେ ପରିଚୟ ସୃଷ୍ଟି କରିଛି । ଯାହା ଯୁବଗୋଷ୍ଠୀ ପ୍ରତିଭାର ବିକାଶ ପାଇଁ ବହୁ ସୁଯୋଗ ସୃଷ୍ଟି କରିଛି । ତେଣୁ ଓଡିଶାର ଯୁବଗୋଷ୍ଠୀ ଏହି ସୁଯୋଗର ସଦୁପଯୋଗ କରି ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ନିଜକୁ ପହଞ୍ଚାଇବା ଦିଗରେ ଚେଷ୍ଟା କରିବାକୁ ଏମ୍‌ପି ମହାପାତ୍ର ଆହ୍ୱାନ ଦେଇଥିଲେ । ବ୍ରହ୍ମପୁର ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ଜିଲା ପରିଷଦ ଅଧ୍ୟକ୍ଷ ସୁବାସ ବେହେରା, ଗଞ୍ଜାମ ଜିଲା କ୍ରୀଡା ସଂସଦର କାର୍ଯ୍ୟକାରୀ ସଭାପତି ଏନ.ସି.ପାତ୍ରୀ, ବିଡିଏ ଅଧ୍ୟକ୍ଷ ସୁବାସ ମହାରଣା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଜିଲା କ୍ରୀଡା ଅଧିକାରୀ ପ୍ରଶାନ୍ତ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ କ୍ରୀଡା ଶିକ୍ଷକ କେଦାର ନାଥ ଚୌଧୁରୀ, ପର୍ଯ୍ୟଟନ ଭାରତର ସମ୍ପାଦକ ନାରାୟଣ ମହାଙ୍କୁଡ ମଞ୍ଚାସୀନ ଥିଲେ । ପ୍ରଧାନ ଶିକ୍ଷକ ବୃଷକେତୁ ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।



ପ୍ରତିଯୋଗୀମାନେ ଲୋକସଙ୍ଗୀତ ପରିବେଷଣ କରୁଛନ୍ତି ।

ଦୁଇଦିନ ଧରି ଚାଲିବାକୁ ଥିବା ଏହି ଉତ୍ସବର ଉଦ୍‌ଘାଟନୀ ଦିବସରେ ଲୋକ ସଙ୍ଗୀତ, ହିନ୍ଦୁସ୍ଥାନୀ ସଙ୍ଗୀତ, ଲୋକ ନୃତ୍ୟ, କର୍ଣ୍ଣାଟକୀ ସଙ୍ଗୀତ, ବଂଶୀ ବାଦନ, ମୃଦଙ୍ଗ ବାଦନ, ତବଲା ବାଦନ ପ୍ରଭୃତି ୧୨ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲାର ୧୧ ବ୍ଲକ, ୨ ଏନ୍‌ଏସି ଓ ବ୍ରହ୍ମପୁର ମହାନଗର ନିଗମରୁ ୩୧୨ ଯୁବ ପ୍ରତିଯୋଗୀ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ । ବିଭିନ୍ନ ବ୍ଲକ ଓ ଜିଲାସ୍ତରରୁ ୫୪ ଅଫିସିଆଲଙ୍କ ସମେତ ବିଜୁ ଯୁବ ବାହିନୀର କର୍ମକର୍ତ୍ତା ସହଯୋଗ କରିଥିଲେ । ବିଭିନ୍ନ ପ୍ରତିଯୋଗିତାରେ ୩୧ ପ୍ରତିଷ୍ଠିତ ଗୁରୁ ଓ କଳାକାର ବିଚାରକ ଭାବେ ଯୋଗଦେଇଥିଲେ । ଉଦ୍‌ଘାଟନୀ ଦିବସ ଅବସରରେ ୨୦୧୭ରେ ଜାତୀୟସ୍ତର ଯୁବ ମହୋତ୍ସବରେ ଭାରତ ନାଟ୍ୟମରେ କୃତିତ୍ୱ ଅର୍ଜନ କରିଥିବା ରାଧେଶ୍ୟାମ ତରାଇ, କର୍ଣ୍ଣାଟକୀ ସଙ୍ଗୀତରେ କୃତିତ୍ୱ ଅର୍ଜନ କରିଥିବା ଉମେଶ ପାତ୍ର ଏବଂ ରାଜ୍ୟସ୍ତରରେ ଦଳଗତ ଲୋକସଙ୍ଗୀତରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଓଡିଶୀ ସଂଗୀତ ପରିଷଦ(ନୂପୁର) ଅନୁଷ୍ଠାନକୁ ସମ୍ମାନିତ କରାଯାଇଥିଲା ।

## ଏଇ ସପ୍ତାହର କାର୍ଯ୍ୟକ୍ରମ

### ୧୧।୧୧।୨୦୧୮ (ରବିବାର)

- ନୃତ୍ୟ କାର୍ଯ୍ୟକ୍ରମ। ସ୍ଥାନ-କାଳୀପୂଜା ମଣ୍ଡପ- କନ୍ଧଚୁଲ, ଜି.ଉଦୟଗିରି, ସମୟ- ରାତି ୭ଟା।
- ସ୍ୱର୍ଗତ ବିଶ୍ୱନାଥ ପଟ୍ଟନାୟକଙ୍କ ୧୦୩ ତମ ଜୟନ୍ତୀ ମହୋତ୍ସବ। ସ୍ଥାନ- ବନବାସୀ ସେବା ସମିତି ପରିସର, ବାଲିଗୁଡ଼ା, ସମୟ- ପୂର୍ବାହ୍ନ ୧୦ଟା।
- ହେଲ୍‌ପଏଜ୍ ଓଡ଼ିଆ ସଂସ୍ଥା ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର, ଏଡ୍‌ସ ଓ କ୍ୟାନ୍‌ସର ରୋଗ ସମ୍ପର୍କିତ ଜନସଚେତନତା କାର୍ଯ୍ୟକ୍ରମ। ସ୍ଥାନ- ଖଲ୍ଲିକୋଟସ୍ଥିତ ଏସ୍‌ଏମ୍ ହାଇସ୍କୁଲ, ସମୟ-ପୂର୍ବାହ୍ନ ୧୦ଟା।
- ଛତ୍ରପୁର ଜାତୀୟ ଶିକ୍ଷା ଦିବସ। ସ୍ଥାନ-ଅନ୍‌ସ୍ଲୋ ସରକାରୀ ହାଇସ୍କୁଲ, ସମୟ-ପୂର୍ବାହ୍ନ ୧୦ଟା ୩୦ ମିନିଟ୍।
- ଶିଶୁ-କିଶୋର ନାଟ୍ୟ ଉତ୍ସବ। ସ୍ଥାନ- ଟାଉନ୍ ହଲ୍, ସମୟ-ଅପରାହ୍ନ ୫ଟା।
- ମହାନ୍ ସଂଘର ସାହିତ୍ୟ ଆସର। ସ୍ଥାନ-ବିଶ୍ୱନିକେତ ଜରା ନିବାସ, ସମୟ-ପୂର୍ବାହ୍ନ ୧୧ଟା।
- ଡୁ ଡ୍ୟାନ୍ସ ପ୍ରତିଯୋଗିତା। ସ୍ଥାନ-ଶୁଭମ୍ ସେଲିବ୍ରେସନ୍, ସମୟ-ପୂର୍ବାହ୍ନ ୧୧ଟା।
- ଭାଗବତ ଭକ୍ତିରସ ପ୍ରବଚନ। ସ୍ଥାନ- ଗୋକୁଳଧାମ, ସମୟ-ସନ୍ଧ୍ୟା ୭ଟା ।

### ୧୨।୧୧।୨୦୧୮ (ସୋମବାର)

- ମାନବ ଅଧିକାର ସୁରକ୍ଷା ମଞ୍ଚର ଘଣ୍ଟ ଯାତ୍ରା। ସ୍ଥାନ-କୋର୍ଟପେଟା ଛକ, ସମୟ-ପୂର୍ବାହ୍ନ ୧୦ଟା ୧୫ ମିନିଟ୍ ।

### ୧୩।୧୧।୨୦୧୮ (ମଙ୍ଗଳବାର)

- ଅବସରପ୍ରାପ୍ତ ସୈନିକ ସମ୍ମିଳନୀ। ସ୍ଥାନ- ଅବସରପ୍ରାପ୍ତ ସୈନିକ କଲ୍ୟାଣ ସମିତି କାର୍ଯ୍ୟାଳୟ, ଜି.ଉଦୟଗିରି, ସମୟ- ପୂର୍ବାହ୍ନ ୧୧ଟା।

### ୧୪।୧୧।୨୦୧୮ (ବୁଧବାର)

- ମା' କାଳୀଙ୍କ ମୂର୍ତ୍ତି ବିସର୍ଜନ। ସ୍ଥାନ- କାଳୀପୂଜା ମଣ୍ଡପ, ଜି.ଉଦୟଗିରି, ସମୟ- ରାତି୭ଟା।
- ଏକଲବ୍ୟ କଳାନିକେତନ ବାର୍ଷିକ ଉତ୍ସବ। ସ୍ଥାନ-ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲ୍, ସମୟ-ଅପରାହ୍ନ ୫ଟା ।
- ଶିଶୁ ସାହିତ୍ୟ ଅନୁଷ୍ଠାନର ବାର୍ଷିକ ଉତ୍ସବ। ସ୍ଥାନ-ରାମକୃଷ୍ଣ ପ୍ୟାଲେସ୍,ସମୟ-ଅପରାହ୍ନ ୩ଟା ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବ୍ରହ୍ମପୁର, ରବିବାର, ନଭେମ୍ବର ୧୧/୨୦୧୮ Berhampur, Sunday, November, 11/ 2018




## ସଂକ୍ଷେପରେ

### ସାନଖେମୁଣ୍ଡିର ବିକାଶ କଂଗ୍ରେସର ଲକ୍ଷ୍ୟ : ରମେଶ

ଦିଗପହଣ୍ଡି/ପାଟପୁର, ୧୦।୧୧ (ଡି.ଏନ.ଏ.)-ଗଞ୍ଜାମ ଜିଲା ସାନଖେମୁଣ୍ଡି ନିର୍ବାଚନ ମଣ୍ଡଳୀର ସାମାଜିକ ଓ ଅର୍ଥନୈତିକ ବିକାଶ କଂଗ୍ରେସର ଲକ୍ଷ୍ୟ ବୋଲି ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଜେନା ଏଠାରେ କହିଛନ୍ତି। ଶନିବାର ସାନଖେମୁଣ୍ଡି ବ୍ଲକ ତୁଳସୀପଦର ଗ୍ରାମ ଠାରେ ଆୟୋଜିତ ସାଙ୍ଗଠନିକ ଆଲୋଚନା ସଭାରେ ରମେଶ ଯୋଗଦେଇ ପୁରୁଖା କଂଗ୍ରେସ କାର୍ଯ୍ୟକର୍ତ୍ତା ପଞ୍ଚାୟତ ପ୍ରତିନିଧି ଓ ଗାଁ ମୁଖିଆଙ୍କ ସହ ଆଲୋଚନା କରିଥିଲେ। ବିଜେଡି ସରକାରଙ୍କ ସାମଗ୍ରୀକ ବିଫଳତା ଦୁର୍ନୀତି ବିରୋଧରେ ଲୋକଙ୍କ ସହ ମିଶିବା ସହ ଦଳୀୟ ସଂଗଠନକୁ ଅଧିକ ଦୃଢ କରିବାକୁ ସେ ପଞ୍ଚାୟତ ଅଧିନ ତିତିଖଣ୍ଡି, ଚକ୍ରପୁର, ତୁଳସୀପଦର ପ୍ରଭୃତି ଗ୍ରାମକୁ ଯାଇଥିଲେ। ପୂର୍ବତନ ବିଧାୟକ ରମେଶଙ୍କ ସହ ସାନଖେମୁଣ୍ଡି ବ୍ଲକର ପୂର୍ବତନ ଅଧକ୍ଷ ଲକ୍ଷ୍ମୀ ଚରଣ ପାତ୍ର, ଚିନ୍ମୟ ହୋତା, ଶଙ୍କର ଖୁଣ୍ଟିଆ, ସିମାଞ୍ଚଳ ଗୌଡ଼, ଉଦୟ ନାଥ ଦୋରା, ପ୍ରଭାକର ପଟ୍ଟନାୟକ, ପ୍ରସାଦ ଦୋରା, ଗୁପ୍ତେଶ୍ୱ ଦୋରା, ତ୍ରିପତି ଦୋରା, ନେଲାରି ନାହାକ, ଅନୀଲ ଦୋରା ପ୍ରମୁଖ ଉପସ୍ଥିତ ଥିଲେ।



# କିଷାନ ମଜଦୁର୍ ସଭା ପକ୍ଷରୁ ବିକ୍ଷୋଭ

ଆସିକା,୧୦।୧୧(ଡି.ଏନ୍.ଏ.)

ଆସିକା ତହସିଲ୍ ଅଞ୍ଚଳର ବନ୍ୟା ଓ ବାତ୍ୟା ପ୍ରପୀଡିତ ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ନେଇ ଅଖିଳ ଭାରତ କିଶାନ ମଜଦୁର୍ ସଭା ପକ୍ଷରୁ ଶୁକ୍ରବାର ସ୍ଥାନୀୟ ତହସିଲ୍ ଅଫିସ୍ ସମ୍ମୁଖରେ ବିକ୍ଷୋଭ ସହ ଗଣଧାରଣା ଦିଆଯାଇଥିଲା। ଏହି ଅବସରରେ ସରକାର ବିଭିନ୍ନ ସମୟରେ ଗରିବ ଓ ଅର୍ଥନୈତିକ ଦୁର୍ବଳ ଜନସାଧାରଣଙ୍କ ସାମଗ୍ରୀକ ସ୍ୱାର୍ଥ ରକ୍ଷା ଦିଗରେ ବ୍ୟର୍ଥ ହୋଇଥିବାବେଳେ ସହାୟତା ନାମରେ ପ୍ରତାରଣା କରୁଥିବା ଅଭିଯୋଗ କରାଯାଇଥିଲା। ଭୂ-ସଂସ୍କାର ଆଇନରେ ଭୂମିହୀନଙ୍କୁ ପଟ୍ଟା ଦେବା ବଦଳରେ କର୍ପୋରେଟ୍ ହାଉସ୍‌ଙ୍କୁ ପ୍ରୋତ୍ସାହିତ କରୁଥିବା, ରାଶନକାର୍ଡ ଓ ବିଭିନ୍ନ ଭତ୍ତା ମଧ୍ୟ ଅନ୍ୟ ରାଜ୍ୟଠାରୁ ବହୁ କମରେ ଦିଆଯାଉଥିବା, ବାତ୍ୟାରେ



ତହସିଲ ସମ୍ମୁଖରେ କିଷାନ ମଜଦୁର ସଭାର ବିକ୍ଷୋଭ।

କ୍ଷତିଗ୍ରସ୍ତ ଭାଗଚାଷୀ ଓ ସରକାରୀ ଜମିରେ ବର୍ଷବର୍ଷ ଧରି ଚାଷ କରି ଗୁଜୁରାଣ ମେଣ୍ଟାଉଥିବା ଭୂମିହୀନଙ୍କ ଲାଗି କୌଣସି ସହାୟତା ନଥିବା ଅଭିଯୋଗ କରାଯାଇଥିଲା ବେଳେ ତୁରନ୍ତ ଏହି ବର୍ଗର ଜନସାଧାରଣଙ୍କୁ ସାମିଲ୍ ଲାଗି ଦୃଢ ଦାବି କରାଯାଇଥିଲା। ଆସିକା ବ୍ଲକ୍ ସମ୍ପାଦକ ପୂର୍ଣ୍ଣ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦସଭାରେ ମଜଦୁର୍ ସଭାର ଜାତୀୟ ସମ୍ପାଦକ ଭାଲଚନ୍ଦ୍ର ଷଡଙ୍ଗୀ ଏଭଳି ଅଭିଯୋଗ କରିବା ସହ ଆଗାମୀ ଏକମାସ ମଧ୍ୟରେ ଜନସାଧାରଣଙ୍କୁ ଦାବି ପୂରଣରେ ଉପେକ୍ଷା କରାଗଲେ ପୁନର୍ବାର ଆନ୍ଦୋଳନାତ୍ମକ ପନ୍ଥାର ଚେତାବନୀ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଉପସଭାପତି ରଘୁନାଥ ନାୟକ, ଜିଲା ସଭାପତି କାଳୀଚରଣ ନାୟକ, ଜିଲ୍ଲା ସମ୍ପାଦକ ପୀତାବସ ପ୍ରଧାନ, ବ୍ଲକ୍ ସମ୍ପାଦକ ସନ୍ତୋଷ ନାୟକ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଏତଦ୍ ଅବସରରେ ଏକ ୮ଦଫା ସମ୍ବଳିତ ଦାବିପତ୍ର ଆସିକା ତହସିଲଦାରଙ୍କୁ ପ୍ରଦାନ କରାଯାଇଥିଲା। ସମସ୍ତ ଭୂମିହୀନ ଓ ଗୃହହୀନଙ୍କୁ ଘର ଡିହ ପଟ୍ଟା, ଏମ୍.ଜି.ଏନ୍.ଆର୍.ଇ.ଜି.ଏସ୍. ଯୋଜନାରେ କାମ କରିବା ଚାହୁଁଥିବା ଲୋକଙ୍କୁ ସର୍ବନିମ୍ନ ମଜୁରୀରେ ଶହେ ଦିନର କାମ, କୃଷି ଶ୍ରମିକମାନଙ୍କୁ ସର୍ବନିମ୍ନ ମଜୁରୀ, ବର୍ଷସାରା କାମ ଓ ସାମାଜିକ ସୁରକ୍ଷା, ବୃଦ୍ଧା, ବୃଦ୍ଧ, ବିକଳାଙ୍ଗ, ବିଧବାଙ୍କୁ ସର୍ବନିମ୍ନ ମାସିକ ୩ ହଜାର ଟଙ୍କା ପେନସନ୍, ବାତ୍ୟା କ୍ଷତିଗ୍ରସ୍ତ ସମସ୍ତ ଚାଷି ଓ ଭାଗଚାଷିଙ୍କୁ କ୍ଷତିପୂରଣ ଲାଗି ଦାବି କରାଯାଇଥିଲା। ବିକ୍ଷୋଭ ପୂର୍ବରୁ ଏକ ଶୋଭାଯାତ୍ରା ଆସିକା ବସଷ୍ଟାଣ୍ଡରୁ ବାହାରି ତହସିଲ୍ ଅଫିସ୍ ଠାରେ ପହଞ୍ଚିଥିଲା।

# ଅଗ୍ନିକାଣ୍ଡରେ ଜଳିଗଲା ୧୬ ଜଣଙ୍କ ଘର

ବେଗୁନିଆପଡ଼ା,୧୦।୧୧(ଡି.ଏନ.ଏ.)

ବେଗୁନିଆପଡ଼ା ବ୍ଲକର ବଡ଼ଖଇରଖମା ଗ୍ରାମରେ ଶୁକ୍ରବାର ରାତିପ୍ରାୟ ସାଢ଼େ ୧୨ରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ୧୬ ଜଣଙ୍କର ୨୦ ବଖରାରୁ ଉର୍ଦ୍ଧ୍ୱ ଘର ପୋଡି ଯାଇଛି। ସେମାନେ ହେଲେ ରମେଶ ଜେନା, ସୁର ଜେନା, ହେମ ଜେନା, କୃଷ୍ଣ ଜେନା, ପଙ୍କଜ ଜେନା, ପୁରୁଷୋତ୍ତମ ଜେନା, ଭିକାରି ପଲାଇ, ବନମାଳୀ ଜେନା, ଝଡ଼ିଆ ଜେନା, ବାବୁଲା ଜେନା, ପବିତ୍ର ଜେନା, ଯୋଗେନ୍ଦ୍ର ଜେନା, ଜିତେନ୍ଦ୍ର ଜେନା, ଲଛମନ ଜେନା, ତ୍ରିନାଥ ଜେନା ଓ ପ୍ରକାଶ ଜେନା। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ଥିଲେ ମଧ୍ୟ ଶର୍ଟ୍‌ସର୍କିଟରୁ ହୋଇପାରେ ବୋଲି ଗ୍ରାମବାସୀ ସନ୍ଦେହ କରୁଛନ୍ତି। ବିଳମ୍ବରେ ଦମକଳ ବାହିନୀ ପହଞ୍ଚିଥିଲେ ମଧ୍ୟ ଗାଡି ଖରାପ ହୋଇଯିବାରୁ ଅନ୍ୟ ଏକ ଦମକଳ ଆସି ନିଆଁକୁ ଆୟତ୍ତ କରିଥିଲା। ଶନିବାର କୋଦଳା ତହସିଲଦାର ପ୍ରଭାତ କୁମାର ପରିଡ଼ା, ସୁମଣ୍ଡଳ ଆରଆଇ ମଳୟ କୁମାର ନାୟକ, ସରପଞ୍ଚ ପ୍ରତିନିଧି ସନ୍ତୋଷ କୁମାର ସାହୁ, ପଞ୍ଚାୟତ ନିର୍ବାହୀ ଅଧିକାରୀ ସୁରେନ୍ଦ୍ର କୁମାର ସେଠୀ ଘଟଣାସ୍ଥଳକୁ ଯାଇ କ୍ଷତିଗ୍ରସ୍ତଙ୍କୁ ଲୁଗା, ଚୁଡ଼ା, ଗୁଡ଼, କମଳ ଓ ପାଲ ପ୍ରଦାନ କରିଛନ୍ତି। କ୍ଷତିଗ୍ରସ୍ତଙ୍କୁ ସକାଳେ ଜଳଖିଆ ଦିଆଯାଇଥିବା ବେଳେ ରାତିରେ ପଞ୍ଚାୟତ ପକ୍ଷରୁ ରନ୍ଧା ଖାଦ୍ୟ ଦିଆଯିବ ବୋଲି ସରପଞ୍ଚ ପ୍ରତିନିଧି କହିଛନ୍ତି।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ bmpselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



## ସେଲ୍‌ଫି କର୍ଣ୍ଣର



@ ପ୍ରଭାତ



@ ସୁଧୀର

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | bmpselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)




# ଘରେ ପଶି ଗହଣା, ଟଙ୍କା ଚୋରି ଅଭିଯୋଗ

ଗଞ୍ଜାମ,୧୦।୧୧(ଡି.ଏନ.ଏ.)

ଗଞ୍ଜାମ ଥାନା ଅନ୍ତର୍ଗତ ୧ନଂ. ୱାର୍ଡ ପାଣ୍ଡା ସାହିର ଅଜିତ ପାତ୍ରଙ୍କ ଘରୁ କେହି ଦୁର୍ବୃତ୍ତ ଶୁକ୍ରବାର ବିଳମ୍ବିତ ରାତିରେ ସୁନା, ରୁପା ଅଳଙ୍କାର ଚୋରି କରି ନେଇଥିବା ଜଣାପଡ଼ିଛି। ଏନେଇ ଅଜିତ ଗଞ୍ଜାମ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏଥିରେ ସମ୍ପୃକ୍ତ ସନ୍ଦେହରେ ଥାନା ପୋଲିସ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଥିବା ଜଣାପଡ଼ିଛି। ଦୁର୍ବୃତ୍ତମାନେ ବାରିପଟେ ଥିବା ୩ଟି କବାଟ ଭାଙ୍ଗି ସୁନା ମୁଦି, ସୁନା ଲକେଟ, ୪୦ ଭରି ରୁପା ଓ ନଗଦ ୨୫ ହଜାର ଟଙ୍କା ଚୋରି କରିଥିବା ଅଜିତ ଏତଲାରେ ଦର୍ଶାଇଛନ୍ତି। ଏନେଇ ତଦନ୍ତ ଚାଲିଥିବା ଥାନା ପକ୍ଷରୁ କୁହାଯାଇଛି।

# ସିପିଆଇଏମ୍ ପକ୍ଷରୁ ସଭା, ଶୋଭାଯାତ୍ରା

ଦିଗପହଣ୍ଡି,୧୦।୧୧(ଡି.ଏନ.ଏ.)

ଦିଗପହଣ୍ଡିରେ ଶୁକ୍ରବାର ସନ୍ଧ୍ୟାରେ ସିପିଆଇଏମ୍ ଆଞ୍ଚଳିକ କମିଟି ପକ୍ଷରୁ ଜନ ସଚେତନତା ସଭା ଓ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଜନତା ଲେନ ଶ୍ରମିକ ସଂଗଠନ ସିଆଇଟିୟୁ ଶାଖା କାର୍ଯ୍ୟାଳୟଠାରୁ ବାଇକ ଶୋଭାଯାତ୍ରା ସହର ପରିକ୍ରମା କରିବା ପରେ ବଜାର ଛକ ଠାରେ ପହଞ୍ଚିଥିଲା। ସେଠାରେ ଆୟୋଜିତ ଜନସଭାରେ ଶ୍ରମିକ ସଙ୍ଗଠନ ସିଆଇଟିୟୁ ଜିଲା ସଭାପତି ଅଶ୍ୱିନୀ କୁମାର ଦାସ, ସିପିଆଇଏମ ଗଞ୍ଜାମ ଜିଲା ସମ୍ପାଦକ କୈଳାସ ଷଡଙ୍ଗୀ, ଆଇନଜୀବୀ କୁରେଶୁ ପଣ୍ଡା ପ୍ରମୁଖ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନ ବିରୋଧୀ ନୀତିର ତୀବ୍ର ସମାଲୋଚନା କରିଥିଲେ। ମିଥ୍ୟା ସ୍ଲୋଗାନ ଦେଇ ଭାଜପା କ୍ଷମତା ଦଖଲ କରିଥିଲା, ଏବେ ଦେଶବାସୀ ତା'ର ଫଳ ଭୋଗୁଥିବା ଦେଖିବାକୁ ମିଳୁଛି ବୋଲି ଦଳୀୟ ନେତୃବୃନ୍ଦ ତାଙ୍କ ଉଦ୍‌ବୋଧନରେ କହିଥିଲେ। କେନ୍ଦ୍ରର ମୋଦି ସରକାର ଏବଂ ରାଜ୍ୟର ବିଜେଡି ସରକାରଙ୍କ ଜନମାରଣ ନୀତି ବିରୋଧରେ ପାର୍ଟି ପକ୍ଷରୁ ଦୁର୍ବାର ଗଣ ଆନ୍ଦୋଳନ କରାଯିବ ବୋଲି ଘୋଷଣା କରାଯାଇଥିଲା।

# ରାଇକିଆରେ ବିଜ୍ଞାନମେଳା

ରାଇକିଆ,୧୦।୧୧(ଡି.ଏନ.ଏ.)

ରାଇକିଆ ବିଜୟ ହାଇସ୍କୁଲ ଠାରେ ଶୁକ୍ରବାର ବ୍ଲକ ସ୍ତରୀୟ ବିଜ୍ଞାନ ମେଳା ଓ ଗଣିତ, ପରିବେଶ ପ୍ରଦର୍ଶନୀ ଅନୁଷ୍ଠିତ ହୋଇ ଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ରାଇକିଆ ବିଡ଼ିଓ ରଶ୍ମି ରଞ୍ଜନ ମହନ୍ତ, ବିଇଓ ଅନ୍ତର୍ଯ୍ୟାମି ପ୍ରଧାନ, ଏବିଇଓ ସାରଥି କହଁର, ସିମାଦ୍ରୀ କହଁର, ଅବସରପ୍ରାପ୍ତ ଏବିଇଓ ସନ୍ତୋଷ କୁମାର ସାହୁ ଯୋଗ ଦେଇଥିଲେ। ୫୯ ବିଦ୍ୟାଳୟର ୭୫ ଛାତ୍ରୀଛାତ୍ର ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ବିଚାରକ ଭାବେ ଜି. ଉଦୟଗିରି ବାଳିକା ହାଇସ୍କୁଲର ବିଜ୍ଞାନ ଶିକ୍ଷକ ମଳୟ ନାୟକ, ଗୁଡିଙ୍ଗିଆ ହାଇସ୍କୁଲ ବିଜ୍ଞାନ ଶିକ୍ଷକ ବିପିନ ବିହାରୀ ନାୟକ ଯୋଗ ଦେଇଥିଲେ। ୬ଜଣ ଛାତ୍ରୀଛାତ୍ର ସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ ହୋଇଛନ୍ତି। ପ୍ରଧାନ ଶିକ୍ଷକ ଦୁର୍ଯ୍ୟୋଧନ ପୃଷ୍ଟି, ଯୋଗେନ୍ଦ୍ର ମଣ୍ଡଳ, ବିନୟ ସଭାସୁନ୍ଦର, କାର୍ତ୍ତିକ ନାୟକ ଏବଂ ସ୍କୁଲର ଶିକ୍ଷୟିତ୍ରୀ ଓ ଶିକ୍ଷକ ପରିଚାଳନାରେ ସହଯୋଗ କରିଥିଲେ।




2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ